بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 40

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

01 ଅକ୍ଟୋବର 2020 | 01 ଇଖା 1399 ହି.ଶ | 13 ସଫର୍ 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَمَنۡ یُّطِعِ اللّٰہَ وَالرَّسُوۡلَ فَاُولٰٓئِکَ مَعَ الَّذِیۡنَ اَنۡعَمَ اللّٰہُ عَلَیۡہِمۡ مِّنَ النَّبِیّٖنَ وَالصِّدِّیۡقِیۡنَ وَالشُّہَدَآءِ وَالصّٰلِحِیۡنَ ۚ وَحَسُنَ اُولٰٓئِکَ رَفِیۡقًا (النساء:70)

ଅନୁବାଦ- ଏବଂ ଯେ କେହି ଅଲ୍ଲାଃ ଓ ରସୁଲଙ୍କର ଆଜ୍ଞାପାଳନ କରିବ ସେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ଯେଉଁମାନଙ୍କୁ ଅଲ୍ଲାଃ ପୁରସ୍କୃତ କରିଛନ୍ତି ଅର୍ଥାତ ନବୀ, ସିଦ୍ଦିକ, ଶହୀଦ ଓ ସ୍ୱାଲେହଙ୍କ ମଧ୍ୟରେ; ଏବଂ ଏ ଲୋକମାନେ ହିଁ (ଅତି) ଉତମ ମିତ୍ର । *(ନିସା: ୭୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ପ୍ରାର୍ଥନା ପାଇଁ ଯେଉଁ ଆବଶ୍ୟକତା ରହିଛି ସେଥିମଧ୍ୟରୁ ସର୍ବପ୍ରଥମ ହେଉଛି ଏହା କି ସତ୍‌କର୍ମ ଓ ଆସ୍ଥା/ ବିଶ୍ୱାସ ସୃଷ୍ଟି କରନ୍ତୁ । କାରଣ ଯେଉଁ ବ୍ୟକ୍ତି ନିଜର ବିଶ୍ୱାସକୁ ସୁଦୃଢ଼ ନ କରି ଓ ସତ୍‌କର୍ମ ନ କରି କେବଳ ଦୁଆ କରିଥାଏ, ସେ ବାସ୍ତବିକ ଈଶ୍ୱରଙ୍କୁ ପରୀକ୍ଷା କରିଥାଏ ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ପ୍ରକୃତିର ନିୟମ ସହିତ ଦୁଆ (ପ୍ରାର୍ଥନା) ସର୍ବଦା ଯୋଡ଼ି ହୋଇ ରହିଛି । ବର୍ତମାନ ସମୟରେ ଯେଉଁ ପ୍ରକୃତିବାଦୀ ସ୍ୱଭାବର ଲୋକମାନେ ଅଛନ୍ତି, ସେମାନେ ବାସ୍ତବିକ ଜ୍ଞାନଠାରୁ ବହୁତ ଦୂରରେ ଓ ସମ୍ପୂର୍ଣ୍ଣ ଅଜ୍ଞ ଅଟନ୍ତି, ୟୁରୋପର ସାମାଜିକ ଆଦର୍ଶକୁ ଅନୁକରଣ କରୁଛନ୍ତି ଓ ଦୁଆକୁ ଏକ ବିଦଅତ୍ (ଅର୍ଥାତ ଏକ ଆମ୍ର ଉଦ୍ଭାବନ) ବୋଲି ବିବେଚନା କରୁଛନ୍ତି, ତେଣୁ ଏଠାରେ ଉଚିତ ଲାଗୁଛି ଯେ ଦୁଆ ସମ୍ବନ୍ଧରେ କିଛି ସଂକ୍ଷିପ୍ତରେ ବର୍ଣ୍ଣନା କରାଯାଉ ।

ଦେଖନ୍ତୁ ଯେତେବେଳେ ଏକ ଶିଶୁ ଭୋକରେ ଆଉଟୁ ପାଉଟୁ ହୋଇ କ୍ଷୀରପାନ କରିବାକୁ କାନ୍ଦିଥାଏ ଓ ଚିତ୍କାର କରିଥାଏ । ସେତେବେଳେ ତା ମାଆ ବକ୍ଷରୁ କ୍ଷୀର ତତ୍‌କ୍ଷଣାତ୍ ଝରିଯାଏ । ଯେବେ କି ପିଲାଟି ଦୁଆ ବିଷୟରେ କିଛି ମଧ୍ୟ ଜାଣିନଥାଏ କିନ୍ତୁ କଣ କାରଣ ରହିଛି ଯେ ତା ଚିତ୍କାର/କ୍ରନ୍ଦନ କ୍ଷୀରକୁ ଟାଣି ଆଣୁଛି । ଏହା ଏପରି କଥା ଯାହାର ଅନୁଭବ ସାଧାରଣତଃ ଅଧିକାଂଶ ଲୋକଙ୍କୁ ରହିଛି । ଅନେକ ସମୟରେ ଏକଥା ଦେଖିବାକୁ ମିଳିଥାଏ ଯେ ମାଆମାନେ ସେମାନଙ୍କର ବକ୍ଷରେ କ୍ଷୀର ଥିବାର ଅନୁଭବ କରିନଥାନ୍ତି ଓ ବେଳେବେଳେ କ୍ଷୀର ମଧ୍ୟ ନଥାଏ କିନ୍ତୁ ଯେଉଁ କ୍ଷଣି ଶିଶୁଟିର ଯନ୍ତ୍ରଣାଦାୟକ କ୍ରନ୍ଦନ କାନରେ ପଡ଼ିଥାଏ, ସେହିକ୍ଷଣି କ୍ଷୀର ପ୍ରବାହିତ ହେବାକୁ ଲାଗେ । ଯେପରି ଶିଶୁର କ୍ରନ୍ଦନ ସହିତ କ୍ଷୀର ପ୍ରବାହିତ ହେବାର ଏକ ସଂଯୋଗ ରହିଛି ତେବେ ମୁଁ ସତ୍ୟ କହୁଛି ଯେ, ଅଲ୍ଲାଃ ତାଲାଙ୍କ ନିକଟରେ ଯଦି ସେହିଭଳି ଆମର ଚିତ୍କାର ଓ ବିଳାପ ହୁଏ ତେବେ ତାହା ଅଲ୍ଲାଃଙ୍କ କୃପା ଓ କରୁଣାକୁ ଜାଗ୍ରତ କରିଥାଏ ଓ ଟାଣି ଆଣିଥାଏ । ମୁଁ ନିଜ ଅନୁଭୁତିରୁ କହିପାରେ ଯେ ଈଶ୍ୱରଙ୍କ କୃପା ଏବଂ କରୁଣା ଯାହା କବୁଲିୟତେ ଦୁଆ (ଅର୍ଥାତ ଦୁଆ ଗ୍ରହଣିୟ) ରୂପେର ଅବତରଣ କରିଥାଏ, ମୁଁ ତାହା ନିଜ ଆଡ଼କୁ ଟାଣିବାର ଅନୁଭବ କରିଛି ବରଂ ମୁଁ ତ ଏହା କହିବି ଯେ ମୁଁ ଏହା ଦେଖିସାରିଛି । ହଁ ଆଜିକାଲିର ହାଲୁକା ଦାର୍ଶନିକମାନେ ଏହି ଘଟଣାକୁ ଅନୁଭବ କରିପାରିବେ ନାହିଁ କି ଦେଖିପାରିବେ ନାହିଁ । ଏହି ସତ୍ୟ ପୃଥିବୀରୁ ଉଠିଯିବ ନାହିଁ । ବିଶେଷରୂପେ ଏପରି ପରିସ୍ଥିତିରେ, ଯେତେବେଳେ ମୁଁ କବୁଲିୟତେ ଦୁଆ (ଦୁଆ ଗ୍ରହଣୀୟ) ହେବାର ନମୁନା ପ୍ରଦର୍ଶନ କରିବାକୁ ସର୍ବଦା ପ୍ରସ୍ତୁତ ଅଛି........ ଦେଖ ! ଏହି ଜିହ୍ୱା, ଯାହାକୁ ଈଶ୍ୱର ତିଆରି କରିଛନ୍ତି ତାହାକୁ ସ୍ୱେଦ ଓ ସ୍ନାୟୁ ଦ୍ୱାରା ବନାଇଛନ୍ତି । ଯଦି ଏମିତି କରିନଥାନ୍ତେ ତେବେ ଆମେ କଥା କହିପାରିନଥାନ୍ତେ । ଦୁଆ କରିବାପାଇଁ ଏପରି ଜିହ୍ୱା ପ୍ରଦାନ କରାଯାଇଅଛି ଯାହା ହୃଦୟର ଭାବ ଓ ଇଚ୍ଛାକୁ ପ୍ରକାଶ କରିପାରେ । ଯଦି ଆମେ ଦୁଆର କାର୍ଯ୍ୟକୁ ଜିହ୍ୱା ଦ୍ୱାରା କେବେ ମଧ୍ୟ ନେବାନାହଁ ତେବେ ଏହା ଆମର ଦୁର୍ଭାଗ୍ୟ ହେବ........ ଦୁଆ (ପ୍ରାର୍ଥନା) ହେଉଛି ଏପରି ଏକ ଆନନ୍ଦ ପ୍ରଦାନକାରୀ ଅବସ୍ଥା, ଯେ ମୁଁ ଦୁଃଖ ଅନୁଭବ କରୁଛି ଯେ ମୁଁ କେଉଁ ଭାଷାରେ ଏହି ଆନନ୍ଦ ଏବଂ ହର୍ଷକୁ ଏ ପୃଥିବୀର ଲୋକମାନଙ୍କୁ ବୁଝାଇପାରନ୍ତି । ଏହା ତ ଅନୁଭବ ଦ୍ୱାରା ହିଁ ଜଣାପଡ଼ିଥାଏ । ସଂକ୍ଷେପରେ ଏହା କୁହାଯାଇପାରେ ଯେ ପ୍ରାର୍ଥନା ପାଇଁ ଯେଉଁ ଆବଶ୍ୟକତା ରହିଛି ସେଥିମଧ୍ୟରୁ ସର୍ବପ୍ରଥମ ହେଉଛି ଏହା କି ସତ୍‌କର୍ମ ଓ ଆସ୍ଥା/ ବିଶ୍ୱାସ ସୃଷ୍ଟି କରନ୍ତୁ । କାରଣ ଯେଉଁ ବ୍ୟକ୍ତି ନିଜର ବିଶ୍ୱାସକୁ ସୁଦୃଢ଼ ନ କରି ଓ ସତ୍‌କର୍ମ ନ କରି କେବଳ ଦୁଆ କରିଥାଏ, ସେ ବାସ୍ତବିକ ଈଶ୍ୱରଙ୍କୁ ପରୀକ୍ଷା କରିଥାଏ । ତେବେ କଥା ହେଉଛି ଏହା କି **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍** ର ଦୁଆ ରେ ଏ ଉଦ୍ଦେଶ୍ୟ ରହିଛି ଯେ ଆମ କର୍ମକୁ ସମ୍ପୁର୍ଣ୍ଣ କର । ପୁଣି **ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୋହିମ୍** କହି ଏକଥା ମଧ୍ୟ ସ୍ପଷ୍ଟ କରିଦେଲେ ଯେ ଆମେ ଏହି ସିଧା ମାର୍ଗରେ ପରିଚାଳିତ ହେବାକୁ ଚାହୁଁଅଛୁ, ଯେଉଁ ମାର୍ଗରେ ଯାଇ ଲୋକେ ପୁରସ୍କୃତ ହୋଇଛନ୍ତି ଏବଂ ଆମକୁ କୋପଗ୍ରସ୍ତ ହୋଇଥିବା ଲୋକମାନଙ୍କ ମାର୍ଗରୁ ବଂଚାଅ, ଯେଉଁମାନଙ୍କ ଉପରେ ତାଙ୍କ କୁକର୍ମ ଯୋଗୁଁ ଐଶିଦଣ୍ଡ ଅବତୀର୍ଣ୍ଣ ହୋଇଥିଲା । **ଜ୍ୱାଲ୍ଲିନ୍** କହି ଏ ଦୁଆ ଶିଖାଇଛନ୍ତି ଯେ ସେମାନଙ୍କଠାରୁ ମଧ୍ୟ ସୁରକ୍ଷିତ ରଖ ଯେଉଁମାନେ ତୁମ୍ଭ ସାହାଯ୍ୟ ସହଯୋଗର ବିନା ଭ୍ରମରେ ଘୁରିବୁଲୁଛନ୍ତି । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୮୩-୧୮୫ ପ୍ରକାଶନ ୨୦୧୮ କାଦିୟାନ)***

**ତୁମେ ଖୁଦାତାଲାଙ୍କ ସହିତ ଏପରି ସୁସମ୍ପର୍କ ସ୍ଥାପନ କର ଯେ ତୁମର ଯେତେବେଳେ ମୃତ୍ୟୁ ହେବ, ତାହା ତୁମର ସର୍ବୋତମ ସମୟ ହୋଇଥିବ ।**

ସୁରଃ ବକ୍‌ରାଃ ଆୟତ ନଂ ୧୩୩ **ଫଲା ତମୁତୁନ୍ନା ଇଲ୍ଲା ୱ ଅନ୍‌ତୁମ୍ ମୁସ୍‌ଲିମୁନ୍** ର ତଫ୍‌ସିର (ବ୍ୟାଖ୍ୟା) କରି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି:

"**ଫଲା ତମୁତୁନ୍ନା ଇଲ୍ଲା ୱ ଅନ୍‌ତୁମ୍ ମୁସ୍‌ଲିମୁନ**" ର ଦୁଇଟି ଅର୍ଥ ରହିଛି । ଗୋଟିଏ ହେଉଛି ଏହା କି ସର୍ବଦା ଇସ୍‌ଲାମ୍‌ରେ ପ୍ରତିଷ୍ଠିତ ରୁହ । କାରଣ ମୃତ୍ୟୁ ସମ୍ବନ୍ଧରେ କୌଣସି ବ୍ୟକ୍ତି ଏହା ଜାଣିନାହିଁ ଯେ ତାହା କେବେ ଆସି ପହଂଚିଯିବ । ତେଣୁ ତୁମର କର୍ତବ୍ୟ ହେଉଛି ଏହା କି ସର୍ବଦା ଏ ବ୍ରହ୍ମାଣ୍ଡର ପାଳନକର୍ତାଙ୍କ ଆଜ୍ଞାବହ ହୋଇଯାଅ ଏବଂ ଖୁଦାଙ୍କ ଆଜ୍ଞାନୁବର୍ତିତାରେ ଜୀବନ ଅତିବାହିତ କର ଫଳତଃ ଯେବେ ମୃତ୍ୟୁ ଆସି ପହଂଚିଯାଏ ସେ ତୁମକୁ ଆଜ୍ଞାବହତା ସ୍ୱୀକାର କରିବା ଅବସ୍ଥାରେ ପାଉ । ଦ୍ୱିତୀୟଟି ହେଉଛି ଏହା କି ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କର ଡ଼ୋରିକୁ ଏତେ ମଜ୍‌ଭୁତ୍ କରିନିଅ ଯେ ସେ ତୁମର ବିନାଶକୁ ବରଦାସ୍ତ ହିଁ ନ କରୁ ଏବଂ ସେ ତୁମକୁ ସେତେବେଳେ ମୃତ୍ୟୁ ଦେଉ ଯେତେବେଳେ ତୁମେ ସମ୍ପୁର୍ଣ୍ଣ ମୋମିନ୍ (ବିଶ୍ୱାସୀ) ହୋଇଯାଇଥିବ ଓ ତାହାଙ୍କ ପ୍ରସନ୍ନତା ହାସଲ କରିସାରିଥିବ ।

ପବିତ୍ର କୁର୍‌ଆନ୍‌ରୁ ଜ୍ଞାତ ହେଉଛି ଯେ ପ୍ରତ୍ୟେକ ବ୍ୟକ୍ତିର

## ନବୀ ସ:ଆ:ସଙ୍କ ବାଣୀ

### ନମାଜରେ ଧ୍ୟାନ ଓ ଏକାଗ୍ରତା ରହିବା ଅତ୍ୟନ୍ତ ଜରୁରୀ

✲ ହଜ୍‌ରତ୍ ଅନସ୍ ର:ଅ ବିନ୍ ମାଲିକଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ କରିମ୍ ସ:ଆ:ସ କହିଛନ୍ତି: ଏପରି ଲୋକମାନଙ୍କୁ କଣ ହୋଇଯାଇଛି ଯେ ସେମାନେ ନମାଜ ପାଠ କରୁଥିବା ସମୟରେ ନିଜର ଆଖିକୁ ଆକାଶ ଆଡ଼କୁ କରୁଛନ୍ତି (ଅର୍ଥାତ ଆକାଶକୁ ଦେଖୁଛନ୍ତି) ? ଆପଣ ସ:ଆ:ସ ଏ ସମ୍ବନ୍ଧରେ କଠୋର ବାଣୀ ପ୍ରୟୋଗ କଲେ । କହିଲେ ସେମାନଙ୍କୁ ଏଥିରୁ ନିବୃତ ରହିବାକୁ ହେବ ନଚେତ ସେମାନଙ୍କର ନେତ୍ରଜ୍ୟୋତି (ଦୃଷ୍ଟିଶକ୍ତି)କୁ ଗ୍ରହଣ କରିନିଆଯିବ । ***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ ଅଜାନ୍, ବାବ୍ ରଫଅଲ୍ ବସର ଇଲସ୍ ସମାଇ ଫିସ୍ ସଲାତି)***

✲ ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସେ କହୁଛନ୍ତି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ନମାଜ ପଢ଼ିବା ସମୟରେ ଏପଟ ସେପଟ ଦେଖିବା ସମ୍ବନ୍ଧରେ ପଚାରିଲି, ଏଥିରେ ଆପଣ ସ:ଆ:ସ କହିଲେ: ଏହା ଶଇତାନର ଏକ ଆକ୍ରମଣ, ଏତଦ୍‌ଦ୍ୱାରା ସେ ସେହି ନମାଜରୁ କିଛି ନେଇଯାଇଥାଏ ।

✲ ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ଏକ ଗାରଗାରିଆ କଳା ଚାଦରରେ ନମାଜ ପଢ଼ିଛନ୍ତି । ସେଥିରେ ବୃକ୍ଷଲତାର ଚିହ୍ନ ଥିଲା । ଆପଣ ସ:ଆ:ସ କହିଲେ: ଏଥିରେ ହୋଇଥିବା ବୃକ୍ଷଲତାର ଚିତ୍ରଣ ମୋ ଧ୍ୟାନଚ୍ୟୁତ କରାଇଦେଲା । ଏହାକୁ ଅବୁ ଜହମ୍ ର:ଅଙ୍କୁ ଦେଇଦିଅ ଓ ତାଙ୍କର ସାଧା ଚାଦରଟିକୁ ଆଣି ମତେ ଦେଇଦିଅ । (ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଅଜାନ୍, ବାବ୍ ଇଲତିଫାତ୍ ଫିସ୍‌ସଲାତି)

✲ ମୌତା ଇମାମ୍ ମାଲିକ୍‌ରେ ହଜ୍‌ରତ୍ ଆଇଶା ର:ଅଙ୍କର ଏହି କଥନକୁ ଉଲ୍ଲେଖ କରାଯାଇଛି ଯେ ହଜ୍‌ରତ୍ ଅବୁ ଜହମ୍ ର:ଅ ନବୀ ସ:ଆ:ସଙ୍କୁ ଏହି ଚାଦରଟିକୁ ଉପହାର ସଦୃଶ ଦେଇଥିଲେ ଯାହାକୁ ଅପଣ ସ:ଆ:ସ ଫେରାଇ ଦେବା ପରିବର୍ତେ ବଦଳାଇ ଦେଇଥିଲେ ।

ଅବସ୍ଥା ଉପରତଳ ହୋଇଥାଏ । କେବେ ମଣିଷ ଅଲ୍ଲାଃଙ୍କ ପ୍ରେମରେ ଏତେ ମାତ୍ରାରେ ଲୀନ ହୋଇଯାଏ ଯେ ସେ ଏ ସଂସାରକୁ ଭୁଲିଯାଏ ଏବଂ କେବେ ଅନ୍ୟ ବସ୍ତୁଗୁଡ଼ିକ ପ୍ରତି ଏତେମାତ୍ରାରେ ଆକର୍ଷିତ ହୋଇଯାଇଥାଏ ଯେ, ସେ ଖୁଦାତାଲାଙ୍କୁ ଭୁଲିଯାଏ । ଅତଏବ ଗୋଟିଏ ହଦିସ୍‌ରେ ବର୍ଣ୍ଣିତ ଅଛି ଯେ ଜଣେ ବ୍ୟକ୍ତି ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ କହିଲା ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ମୁଁ ତ ମୁନାଫିକ୍ (କପଟୀ) ହୋଇଗଲିଣି । ଆପଣ ସ:ଆ:ସ କହିଲେ କିପରି ? ସେ କହିଲା ହେ ଅଲ୍ଲାଃଙ୍କ ରସୁଲ୍ ମୁଁ ଯେତେବେଳେ ଆପଣଙ୍କ ନିକଟକୁ ଆସୁଛି, ସେତେବେଳେ ମୋର ଗୋଟିଏ ଅବସ୍ଥା ରହୁଛି ଏବଂ ମୁଁ ଯେବେ ଘରକୁ ଯାଉଛି ସେତେବେଳେ ଆଉ ଏକ ଅବସ୍ଥା ରହୁଛି । ଏହାଶୁଣି ଆପଣ ସ:ଆ:ସ କହିଲେ ଏଥିରେ କିଛି ବ୍ୟତିବ୍ୟସ୍ତ ହେବାର ନାହିଁ । ଯଦି ସବୁବେଳେ ଗୋଟିଏ ଅବସ୍ଥା ରହିବ ତେବେ ମଣିଷ ମରିଯିବ । ବାସ୍ତବିକ ସ୍ୱଭାବରେ ଯେଉଁ ଉନ୍ନତି ଅବନତିର ଅବସ୍ଥା ଆସିଥାଏ, ସେଥିରେ ମଧ୍ୟ ଭିନ୍ନ ଭିନ୍ନ ସ୍ତର ରହିଥାଏ । ପୂର୍ଣ୍ଣ ମୋମିନ୍‌ର ଯେଉଁ ଅବନତିର ସ୍ତର ରହିଛି ତାହା ତାଙ୍କର ତଳ ସ୍ତରର ଲୋକମାନଙ୍କ ପାଇଁ ଉନ୍ନତିର ଅବସ୍ଥା ହୋଇଥାଏ । ଏହିପରି ଅମ୍ବିୟାମାନଙ୍କ ଉପରେ ମଧ୍ୟ ଏପରି ଅବସ୍ଥା ଆସିଥାଏ କିନ୍ତୁ ନବୀମାନଙ୍କ **କବ୍‌ଜ୍** ସିଦ୍ଧିକ ମାନଙ୍କର **ବସ୍‌ତ୍** ହୋଇଥାଏ । ସେଥିପାଇଁ ସୁଫିମାନେ କହିଛନ୍ତି ଯେ **ହସନାତୁଲ୍ ଅବ୍‌ରାରି ସୟେଆତୁଲ୍ ମୁକର୍‌ବିନ୍** ଅର୍ଥାତ: ପୂଣ୍ୟବାନ ଲୋକମାନଙ୍କର ପୂଣ୍ୟଗୁଡ଼ିକ ମଧ୍ୟ ମୁକର୍‌ବିନ୍ ମାନଙ୍କର ଖରାପ କାର୍ଯ୍ୟ ହୋଇଥାଏ । ଏହାର ଅର୍ଥ ହେଉଛି ଏହା କି ସାଧାରଣ ସ୍ତରର ଲୋକେ ଯାହାକୁ ପୂଣ୍ୟ ବୋଲି ଭାବୁଛନ୍ତି ତାହା ଉଚ୍ଚ ସ୍ତରର ଲୋକମାନଙ୍କ ନିକଟରେ ବେଳେବେଳେ ମନ୍ଦ ହୋଇଥାଏ । ସେହିପରି ସାଧାରଣ ଲୋକମାନଙ୍କର ମନ୍ଦକାର୍ଯ୍ୟ ନିଚ ସ୍ତରର ଲୋକମାନଙ୍କର ପୂଣ୍ୟ କର୍ମ ହୋଇଥାଏ । ଅତଏବ୍ ଯେହେତୁ ଏହି ଦୁଇପ୍ରକାରର ଅବସ୍ଥା ମଣିଷ ଜୀବନରେ ଆସିଥାଏ ଓ ମୃତ୍ୟୁର ସମୟ କାହାକୁ ଜଣାନଥାଏ ତେଣୁ କୁହାଯାଇଅଛି ଯେ ତୁମେ ଈଶ୍ୱରଙ୍କ ସହିତ ଏପରି ସମ୍ପର୍କ ସ୍ଥାପନ କର ଯେ, ତୁମର ମୃତ୍ୟୁ ଏପରି ସମୟରେ ହେଉ ଯାହା ତୁମର ସର୍ବୋତମ ସମୟ ହୋଇଥିବ ଏବଂ **ମଲ୍‌କୁଲ୍ ମୌତ୍** (ମୃତ୍ୟୁ ଦେବତା) ତୁମ ପ୍ରାଣକୁ ସେ ସମୟରେ ବାହାର କରୁ ଯେବେ ତୁମର ଈଶ୍ୱରଙ୍କ ସହିତ ଏକ ସଚ୍ଚା ଓ ନିଷ୍ଠାପର ସମ୍ପର୍କ ପ୍ରତିଷ୍ଠା ହୋଇସାରିଥିବ ।

***(ତଫ୍‌ସର୍ କବୀର୍, ଖଣ୍ଡ-୨, ପୃ-୨୦୨-୨୦୩.......... ୨୦୧୦)***

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଦିଆଯାଉ ଯେ, ଭୁଲ୍ ଓ ଠିକ୍‌ର ମାର୍ଗ କଣ । ଗୋଟିଏ ଧାର୍ମିକ ଯମାତ୍ ଏବଂ ଜଣେ ଧାର୍ମିକ ବ୍ୟକ୍ତି ହୋଇଥିବା ଯୋଗୁଁ ଆମର ଏ ଦାୟିତ୍ୱ ରହିଛି ଯେ, ଆମେ ଆମ ଧର୍ମର ପ୍ରଚାର ପ୍ରସାର କରିବୁ ତେଣୁ ଯାହାକୁ ଏ ଧର୍ମ ଭଲ ଲାଗୁଛି ସେ ଏହାକୁ ଗ୍ରହଣ କରିନେଉଛି ଓ ଆମର ଏ ଆଶା ଅଛି ଯେ, ଲୋକମାନେ ଏହାକୁ ଗ୍ରହଣ କରିବେ କେବଳ ହଲାଣ୍ଡରେ ନୁହେଁ ବରଂ ସମଗ୍ର ପ୍ରାଶ୍ଚାତ୍ୟ ଦେଶଗୁଡ଼ିକରେ ଲୋକମାନେ ଏହାକୁ ଗ୍ରହଣ କରିବେ ଯଦିଚ ଏ ପିଢ଼ି ନୁହେଁ ତେବେ ଆସନ୍ତା ପିଢ଼ି ଇସ୍‌ଲାମ୍ ଆଡ଼କୁ ଆସିବ । ତେଣୁ ଏ ସମ୍ବନ୍ଧରେ ଆମେ ପୂର୍ଣ୍ଣ ଆଶାବାଦୀ ଯେ, ଲୋକମାନେ ଇସ୍‌ଲାମ୍‌କୁ ଗ୍ରହଣ କରିବେ ଓ ନିଜର ପାଳନକର୍ତାଙ୍କ ନିକଟବର୍ତୀ ହେବେ ।

ଆଉ ଗୋଟିଏ ରିଜିଓନାଲ୍ ଟିଭି Omroep Flevoland ର ଜଣେ ପତ୍ରକାର Mr. Menno Hoeboer କହିଲେ ଯେ, ଆପଣଙ୍କ ପାଇଁ ଆଜିର ଦିନଟି ବହୁତ ଖୁସିର ଦିନ ହୋଇଥିବ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ବିଲ୍‌କୁଲ୍ ଠିକ୍ କଥା ଯେତେବେଳେ ଆମେ ମସ୍‌ଜିଦ୍‌ର ଉଦ୍‌ଘାଟନ କରୁଅଛୁ ସେତେବେଳେ ଏହା ଆମପାଇଁ ବହୁତ ଆନନ୍ଦର ଦିନ ହୋଇଥାଏ ଆଜିର ଅଭିଭାଷଣରେ ମଧ୍ୟ ମୁଁ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ସମ୍ବନ୍ଧରେ ନିଜର ଭାବନାକୁ ଓ ନିଜର ଆବେଗକୁ ବର୍ଣ୍ଣନା କରିବି ।

ପୁଣି ସେହି ପତ୍ରକାର ଜଣକ ଜାଣିବାକୁ ଚାହିଁଲେ ଯେ, କଣ ଆପଣ ମସ୍‌ଜିଦ୍‌କୁ ଦେଖିସାରିଛନ୍ତି କି ? ଏହି ମସ୍‌ଜିଦ୍ ସମ୍ପର୍କରେ ଆପଣଙ୍କର ମତ କଣ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏବେ ମୁଁ ତ ସମଗ୍ର ଇମାରତକୁ ତ ଦେଖିନାହିଁ । କେବଳ ମସ୍‌ଜିଦ୍ ଉପରେ ତିଆରି ହୋଇଥିବା ହଲ୍ ଭିତରକୁ ଯାଇଥିଲି, ତାହା ତ ମତେ ବହୁତ ଭଲ ଲାଗୁଥିଲା । ତ ଯାହା ହେଉ ଆମ ନିଜର ସାଧନକୁ ଆଖି ଆଗରେ ରଖି ଆମେ ବହୁତ ବଡ଼ ମସ୍‌ଜିଦ୍ ତ ନିର୍ମାଣ କରିପାରିବୁ ନାହିଁ ଓ କାଉନ୍‌ସିଲ୍ ମଧ୍ୟ ଆମକୁ ବଡ଼ ମସ୍‌ଜିଦ୍ ନିର୍ମାଣ କରିବାକୁ ମଧ୍ୟ ଅନୁମତି ଦେଇନଥାନ୍ତା । ଆମେ ଯେତେବେଳେ ଏ ଇଲାକାରେ ମସ୍‌ଜିଦ୍ ନିର୍ମାଣ କରିବାକୁ ଆରମ୍ଭ କଲୁ । ସେତେବେଳେ ଆମ ଯମାତ୍‌ର ସଂଖ୍ୟା ବହୁତ କମ୍ ଥିଲା । କିନ୍ତୁ ଏବେ ମୁଁ ଜାଣିପାରୁଛି ଯେ, ଏଠି ଯମାତ୍‌ର ସଂଖ୍ୟା ମଧ୍ୟ ବଢୁଅଛି ତେଣୁ ଯମାତ୍‌ର ସବୁ ଲୋକ ଏଠାରେ ଏକାଠି ହେବେ ତେବେ ମୋ ମତରେ ବାଯମାତ୍ ନମାଜ ପଢ଼ିବାପାଇଁ ଏହି ମସ୍‌ଜିଦ୍‌ଟି ଯଥେଷ୍ଟ ହେବନାହିଁ । ଏମିତି ତ ଦେଖିବାକୁ ଗଲେ ମସ୍‌ଜିଦ୍‌ଟି ଖୁବ୍ ସୁନ୍ଦର ଦେଖାଯାଉଛି । ନକ୍ସା ଦୃଷ୍ଟିକୋଣରୁ ମଧ୍ୟ ବହୁତ ଭଲ । ମୁଁ ଭାବୁଛି ଏ ପ୍ରଶ୍ନର ଉତର ଆପଣଙ୍କୁ ଦେବାର ଅଛି ଯେ, ଆପଣଙ୍କୁ ଏ ମସ୍‌ଜିଦ୍ କିପରି ଲାଗିଲା ? କଣ ଏହି ମସ୍‌ଜିଦ୍‌ଟି ଆପଣମାନଙ୍କ Architectural Design ଅନୁସାରେ ହୋଇଛି କି ।

ପତ୍ରକାର ଜଣକ ପଚାରିଲେ ଯେ, ଏ ମସ୍‌ଜିଦଟି ଏତେ ଖାସ୍ କାହିଁକି ଯେ, ଆପଣ ସ୍ୱୟମ ଏହାର ଉଦ୍‌ଘାଟନ କରିବାପାଇଁ ଆସିଛନ୍ତି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଠାରେ ଆମର ଗୋଟିଏ ଛୋଟିଆ ଯମାତ୍ ଅଛି ଓ ବେଳେବେଳେ ମୁଁ ଏଠାକୁ ଆସିଥାଏ । ବହୁତ ଦିନ ପରେ ଈଶ୍ୱର ଆମକୁ ଏ ମସ୍‌ଜିଦ୍ ପ୍ରଦାନ କରିଛନ୍ତି । ସେଥିପାଇଁ ଏଠିକାର ଯମାତ୍‌ର ଲୋକମାନଙ୍କର ଏ ଇଚ୍ଛା ଥିଲା ଓ ମୋର ବି ଏ ଇଚ୍ଛା ଥିଲା ଯେ ମୁଁ ଏଠାକୁ ଆସି ମସ୍‌ଜିଦ୍‌କୁ ଉଦ୍‌ଘାଟନ କରିବି । ଆମେ ଜର୍ମାନୀରେ ମଧ୍ୟ ଚାରି ପାଂଚଟି ମସ୍‌ଜିଦ୍ ଉଦ୍‌ଘାଟନୀ କରୁଅଛୁ । ମୁଁ ସେଠାକୁ ମଧ୍ୟ ଯାଇଥାଏ । ଏହିପରି ମୋର ଯାତ୍ରା ଦ୍ୱାରା ସ୍ଥାନିୟ ଅହେମଦୀମାନଙ୍କ ସହିତ ମୋର ସାକ୍ଷାତ ମଧ୍ୟ ହୋଇଯାଏ । ସେମାନଙ୍କର ଉତ୍ସାହ ମଧ୍ୟ ବଢ଼ିଥାଏ । ଏବଂ ଯମାତ୍‌ର ଇମାମ୍‌ଙ୍କ ସହିତ ମଧ୍ୟ ସେମାନଙ୍କର ସମ୍ପର୍କ ମଧ୍ୟ ମଜ୍‌ଭୁତ ହୋଇଥାଏ । ଏତଦ୍‌ଦ୍ୱାରା ସେମାନଙ୍କର ଆଧାତ୍ମିକ ଉନ୍ନତିର ଅବସର ମିଳିଥାଏ ।

ତା'ପରେ ମୁହମ୍ମଦ ଜିଶାନ୍ ସାହେବ୍ ଯିଏ ହେଉଛନ୍ତି ୟୁରୋ ଟାଇମ୍‌ସ ବେଲ୍‌ଜିୟମ୍‌ର ପ୍ରତିନିଧି । ସେ ପଚାରିଲେ ଯେ, ଆଜିକାଲି ରାଜନେତାମାନେ ଏବଂ ବୈଜ୍ଞାନିକମାନେ ପରିବେଶ ପରିବର୍ତନ ସମ୍ବନ୍ଧରେ ସୁଚନା ଦେବାପାଇଁ ଚେଷ୍ଟା କରୁଛନ୍ତି ଏଣୁ ଏ ସନ୍ଦର୍ଭରେ ହଜୁରଙ୍କର ମତ କଣ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହା ତ ଠିକ୍ କଥା ଯେ, ପୃଥିବୀର ପ୍ରତ୍ୟେକ ସ୍ଥାନରେ ଜନସଂଖ୍ୟା ବଢ଼ିବା ଦୃଷ୍ଟିକୋଣରୁ ନୂଆ ନୂଆ ଇମାରତ୍‌ମାନ ଗଢ଼ି ଉଠୁଛି । ଲୋକମାନଙ୍କୁ ତ ରହିବାକୁ ହେବ ତେଣୁ ସେଥିଯୋଗୁଁ ଗଛଗୁଡ଼ିକୁ କଟାଯାଉଅଛି ଏବଂ Deforestation କରାଯାଉଅଛି କିନ୍ତୁ ତା' ତୁଳନାରେ ନୂଆଁ ଗଛ ଲଗାଯାଉନାହିଁ ଓ ଏହା ବିଶେଷରୂପେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ କରାଯାଉଅଛି । ତତ୍‌ସହିତ Carbon Emmission ଯୋଗୁଁ କାରଖାନା ମଧ୍ୟ ଏ ପରିବେଶକୁ ପ୍ରଭାବିତ କରୁଅଛି ପୁଣି ଯେମିତି କି ମୁଁ କହୁଅଛି ଯେ, ଯୁଦ୍ଧ ଯୋଗୁଁ ଏ ପରିବେଶ ମଧ୍ୟ ବହୁତ ପ୍ରଭାବିତ ହେଉଅଛି । ଏବେ ତ ବହୁତ ଚିନ୍ତା ନାୟକମାନେ ଏକଥା କହିବାକୁ ଆରମ୍ଭ କରିଦେଲେଣି ଯେ, ମଧ୍ୟପ୍ରାଚ୍ୟ ଇଲାକାରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ପରିବେଶର ତାପମାତ୍ରାରେ ବୃଦ୍ଧି ଘଟୁଅଛି ତେଣୁ ଏହା ମଧ୍ୟ ପରିବେଶ ପରିବର୍ତନର ଏକ କାରଣ ହୋଇପାରେ । ବରଂ ମୋ ମତରେ ଏହା ମଧ୍ୟ ଗୋଟିଏ କାରଣ ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ତେଣୁ ଆମକୁ ବୃକ୍ଷରୋପଣ ପ୍ରତି ବିଶେଷ ଦୃଷ୍ଟି ଦେବା ଉଚିତ ଓ ପୁଣି କାର୍ବନ ଏମିସିଅନ୍‌କୁ କମ୍ କରିବାପ୍ରତି ଧ୍ୟାନ ଦେବା ଉଚିତ । ଆଜିକାଲି ଯେଉଁ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଅଛି ତାହା ଦ୍ୱାରା ମଧ୍ୟ ଏମିସିଅନ୍ ସୃଷ୍ଟି ହେଉଅଛି । ସେହିପରି କାରଖାନା ମଧ୍ୟ ଏହାର କାରଣ ।

ସେହି ପତ୍ରକାର ଜଣକ ପଚାରିଲେ ଯେ, ଡ଼ଚ୍ ସରକାର ସମଗ୍ର ସରକାରି କାର୍ଯ୍ୟାଳୟଗୁଡ଼ିକରେ ହିଜାବ୍ ଏବଂ ବୁର୍କା ଉପରେ ପାବନ୍ଦି ଲଗାଇଛନ୍ତି । ଏ ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅଙ୍କର କଣ ମତ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ମୋ ମତରେ ଯଦି କୌଣସି ବ୍ୟକ୍ତି ଏକଥା କହୁଛି ଯେ, ଏମିତି କରିବା ହେଉଛି ମୋ ଧାର୍ମିକ କର୍ତବ୍ୟ ଓ ମୁଁ ଅମୁକ ପ୍ରକାର ବସ୍ତ୍ର ପିନ୍ଧିବାକୁ ଚାହୁଁଛି ତେବେ ସରକାରଙ୍କୁ ତାଙ୍କ ମାମଲାରେ ହସ୍ତକ୍ଷେପ କରିବା ଠିକ୍ ନୁହେଁ । ଏହା ଅନ୍ୟମାନଙ୍କ ଧର୍ମୀୟ ମାମଲାରେ ହସ୍ତକ୍ଷେପ କରିବାର ଏହା ଏକ କାରଣ ହୋଇଯାଇଥାଏ । କାନାଡ଼ାର ପାର୍ଲାମେଂଟରେ ଜଣେ ଶିଖ୍ ନିଜର ବକ୍ତବ୍ୟ ରଖି କହିଲେ ଯେ, ମତେ ପଗଡ଼ି ପିନ୍ଧିବାର ହକ୍ ଅଛି ଓ ଜଣେ ୟହୁଦୀକୁ ନିଜର ଛୋଟ ଟୋପି ପିନ୍ଧିବାର ହକ୍ ରହିଛି, ଇସାଇମାନଙ୍କର ମଧ୍ୟ ଅଧିକାର ଅଛି ସେହିପରି ଯଦି ମୁସଲମାନ ମହିଳାମାନେ ବିନା କୌଣସି ଜୋର୍ ଜବରଦସ୍ତି ସ୍ୱଇଚ୍ଛାରେ ବୁର୍କା ବା ହିଜାବ୍ ପିନ୍ଧିବାକୁ ଚାହୁଁଛନ୍ତି ତେବେ ତାଙ୍କୁ ଏହି ହକ୍‌ରୁ ବଂଚିତ ରଖିବା ଉଚିତ ନୁହେଁ ।

*କ୍ରମଶଃ......*

# ଜରୁରୀ ଘୋଷଣା

## ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

**ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।**

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ନବି ଅକ୍‌ରମ୍ ସ:ଆ:ସ କହିଲେ ଯେ, ପ୍ରତ୍ୟେକ ନବୀଙ୍କର ଜଣେ ହୱାରୀ ଥାଏ, ତେଣୁ ମୋର ହୱାରୀ ହେଉଛନ୍ତି ଜୁବୈର୍ ର:ଅ ।**

**ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ହୱାରୀ ଏବଂ ମହାନ୍ ବଦରି ସାହାବି ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ।**

**ତିନିଜଣ ମରହୁମିନ୍ ମୁକରମ୍ ମେରାଜ୍ ଅହେମଦ୍ ସାହେବ୍ ଶହୀଦ (ଡ଼ବ୍‌ଗରି ଗାର୍ଡ଼ନ ପେଶାୱାର), ମୁକରମ୍ ଅଦିବ୍ ଅହେମଦ୍ ସାହେବ୍ ନାସିର୍ ମୁରବୀ ସିଲ୍‌ସିଲା (ଅହ୍‌ଦିପୁର୍ ନାରୱାଲ୍) ଏବଂ ମୁକରମ୍ ହମିଦ୍ ଅହେମଦ୍ ଶେଖ୍ ସାହେବ୍ (ଇସଲାମାବାଦ୍, ପାକିସ୍ତାନ, ହାଲ୍ ଲଣ୍ଡନ, ୟୁକେ)ଙ୍କର ଉତମଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୨୧ ଅଗଷ୍ଟ ୨୦୨୦ ଅନୁଯାୟୀ ୨୧ ଜହୁର୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ବଦରୀ ସାହାବାଙ୍କ ଆଲୋଚନା ଚକ୍ରରେ ଆଜି ଯେଉଁ ସାହାବିଙ୍କ ଚର୍ଚ୍ଚା ହେବ ସେ ହେଲେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍‌ଙ୍କ ପିତାଙ୍କ ନାମ ଅୱାମ୍ ବିନ୍ ଖୁୱେଲିଦ୍ ଏବଂ ମାତାଙ୍କ ନାମ ସଫିୟା ବିନ୍‌ତେ ଅବ୍‌ଦୁଲ୍ଲ ମୁତ୍‌ଲିବ୍ ଥିଲା । ଯିଏ କି ହଜରତ ମୁହମ୍ମଦ ସ:ଆ:ସଙ୍କର ଫୁପି ଥିଲେ ହଜ୍‌ରତ୍ ଜୁବୈର୍‌ଙ୍କ ବଂଶର ଧାରା ଯାଇ କୁସୈୟେ ବିନ୍ କିଲାବ୍‌ଙ୍କ ସହିତ ମିଶି ନବୀ କରିମ୍ ସ:ଆ:ସଙ୍କ ବଂଶ ସହିତ ମିଶୁଥିଲା ଏବଂ ନବୀ ସ:ଆ:ସଙ୍କ ପତ୍ନୀ ହଜ୍‌ରତ୍ ଖଦିଜାଙ୍କର ସେ ପୁତୁରା ଥିଲେ । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍‌ଙ୍କର ହଜ୍‌ରତ୍ ଅବୁବକର ର:ଅଙ୍କ କନ୍ୟା ହଜ୍‌ରତ୍ ଅସ୍‌ମା ର:ଅଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା ଏବଂ ହଜ୍‌ରତ୍ ଅବୁବକର ର:ଅ ଅନ୍ୟ ଏକ କନ୍ୟା ଆଇଶା ର:ଅଙ୍କର ହଜୁର ସ:ଆ:ସଙ୍କ ସହ ବିବାହ ହୋଇଥିଲା । ଏହିଭଳି ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ହଜୁର ସ:ଆ:ସଙ୍କର ସଢୁ ଥିଲେ । ଏହି ଦୃଷ୍ଟିକୋଣରୁ ହଜୁର ସ:ଆ:ସଙ୍କ ସହ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କର ଦୁଇ ଦୁଇଟା ସମ୍ପର୍କ ଥିଲା । ଜୁବୈର୍‌ଙ୍କ କୁନିୟତ ଅବୁ ଅବ୍‌ଦୁଲ୍ଲାଃ ଥିଲା ଏବଂ ତାଙ୍କ ମାଆ ହଜ୍‌ରତ୍ ସଫିୟା ଆପଣଙ୍କ କୁନିୟତ ନିଜ ଭାଇ ଜୁବୈର୍ ବିନ୍ ଅବ୍‌ଦୁଲ୍ଲ ମୁତଲିବ୍ କୁନିୟତ ଅନୁସାରେ ଅବୁ ତାହେର୍ ରଖିଥିଲେ । କିନ୍ତୁ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ନିଜ କୁନିୟତ ନିଜ ପୁତ୍ର ଅବ୍‌ଦୁଲ୍ଲାଃଙ୍କ ନାମରେ ନାମିତ କରିଥିଲେ ଯାହା ମରେ ବହୁତ ପ୍ରଶିଦ୍ଧ ହୋଇଗଲା । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ହଜ୍‌ରତ୍ ଅବୁବକର ର:ଅଙ୍କ ପରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାରେ ସେ ଚତୁର୍ଥ ଅବା ପଂଚମ ବ୍ୟକ୍ତିଙ୍କ ମଧ୍ୟରେ ଥିଲେ । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ୧୨ ବର୍ଷ ବୟସରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ଆଉ କେତେକଙ୍କ କହିବା ଅନୁଯାୟୀ ସେ ୮ କିମ୍ବା ୧୬ ବର୍ଷ ବୟସରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । ସେ ସେହି ଦଶଜଣ ଭାଗ୍ୟଶାଳୀ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କୁ ସେମାନଙ୍କ ଜୀବନକାଳରେ ହିଁ ହଜୁର ସ:ଆ:ସ ବୈକୁଣ୍ଠବାସୀ ହେବାର ସୁସମାଚାର ପ୍ରଦାନ କରିଥିଲେ ଏବଂ ସେହି ଛଅ ଜଣ ସୁରାଃ ଦଳର ସାହାବିମାନଙ୍କ ମଧ୍ୟରୁ ସେ ଜଣେ ମଧ୍ୟ ଥିଲେ, ଯାହାଙ୍କୁ ହଜ୍‌ରତ୍ ଉମର୍ ର:ଅ ନିଜ ପରବର୍ତୀ ଖଲିଫା ହେବାର ନାମାଙ୍କନ କରିଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୩୦୭.......... ବେରୁତ ୨୦୦୩)***

ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍‌ଙ୍କ ପିତା ଅୱାମ୍‌ଙ୍କ ଦେହାନ୍ତ ପରେ ତାଙ୍କ ଦେଖାଶୁଣା ନୌଫିଲ୍ ବିନ୍ ଖୁୱେଲିଦ୍ କରିଥିଲେ, ଯେତେବେଳେ ବାଲ୍ୟକାଳରେ ତାଙ୍କ ମାତା ତାଙ୍କୁ ବିରକ୍ତ ହୋଇ ପିଟୁଥିଲେ ସେତେବେଳେ ନଫିଲ୍ ଜୁବୈରଙ୍କ ମାତାଙ୍କୁ କହୁଥିଲେ କଣ କେହି ଏପରି ନିଜ ଛୁଆକୁ ମାରେ ଅବା ବିରକ୍ତ ହୁଏ । ତୁମେ ତ ଜୁବୈର୍‌ଙ୍କ ସହ ଏପରି ଆଚରଣ କରୁଛ ଯେପରି ତୁମେ ତାହା ଉପରେ ଭିଷଣ ଅପ୍ରସନ୍ନ । ଏଥିରେ ହଜ୍‌ରତ୍ ସଫିୟା ର:ଅ ଏହି ପଂକ୍ତି ପାଠ କଲେ:

**ମନ୍ କାଲା ଇନ୍ନି ଉବ୍‌ଗିଜୁହୁ ଫକଦ୍ କଜବ୍**
**ୱ ଇନ୍ନମା ଅଜ୍‌ରିବୁହୁ ଲି କୈ ୟଲ୍‌ଅବ୍**
**ୱ ୟହ୍ ଜିମାଲ୍ ଜୈଶା ୱ ୟାତିୟା ବିସ୍ ସଲ୍‌ବ**
**ୱଲା ୟକୁନ୍ ଲିମାଲିହି ଖବ୍‌ଉନ୍ ମୁଖବ୍**
**ୟାକୁଲୁ ଫଇଲ୍ ବୈତି ମିନ୍ ତମରିନ୍ ୱ ହବ୍**

ଅର୍ଥାତ ଯେ, ମନେକରୁଅଛି କି ମୁଁ ତାହା ଉପରେ ଅର୍ଥାତ ମୋ ପୁତ୍ର ଉପରେ କ୍ରୋଧିତ ଅଛି ତେବେ ସେ ଭ୍ରମରେ ରହିଛି ମୁଁ ତାହା ସହ ଏଥିନିମନ୍ତେ କଠୋରତା ପ୍ରଦର୍ଶନ କରୁଅଛି ଓ ତାକୁ ଦଣ୍ଡ ଦେଉଅଛି କାରଣ ଏତଦ୍‌ଦ୍ୱାରା ସେ ନିର୍ଭିକ ଓ ସାହାସି ହେବ ଏବଂ ଶତୃକୁ ପରାସ୍ତ କରିବ ସେମାନଙ୍କ ସାମଗ୍ରୀ ନେଇ ଫେରିବ ତଥା ନିଜ ଭାର ବହନ କରିବାପାଇଁ ଘରେ ଲୁଚି ନ ବସି ବରଂ ମୁକାବିଲା କରି ନିଜ କ୍ଷୁଧା ନିବାରଣ କରିବ ।

***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୪୫୮.......... ବେରୁତ ୧୯୯୫)***

ସେ ଯାହା ହେଉ ତାଙ୍କ ମାତାଙ୍କର ଏହି ଚିନ୍ତାଧାରା ଥିଲା ଏବଂ ଏହା ତାଙ୍କର ପ୍ରଶିକ୍ଷଣର ପ୍ରଣାଳୀ ଓ ଶୈଳୀ ଥିଲା । ନିଜ ପୁତ୍ରକୁ ବୀର ଓ ବାହାଦୁର କରିବାର ପ୍ରଣାଳୀ ଥିଲା ଜରୁରୀ ନୁହେଁ ଯେ, ଆମେ ଏହାକୁ ଭଲ ଶୈଳୀ ବୋଲି କହିବା । ସାଧାରଣତଃ ଆଜିକାଲି ଏହି ବିଶ୍ୱାସ କମି ଚାଲିଛି । ସେ ଯାହା ହେଉ ଅଲ୍ଲାଃ ତାଲା ସେତେବେଳେ ତାଙ୍କୁ ସେହି କଠୋରତାର କୁପ୍ରଭାବରୁ ରକ୍ଷା କଲେ, ମାଆର ମମତା ସୁପ୍ରସିଦ୍ଧ ତେଣୁ ଏପରି ନୁହେଁ ସେ ସର୍ବଦା ତାଙ୍କୁ ମାରୁଥିଲେ, ସ୍ନେହ ଓ ପ୍ରେମ ମଧ୍ୟ କରୁଥିଲେ । ପରବର୍ତୀ ସମୟରେ ଏହା ପ୍ରକାଶ୍ୟ ହୋଇଥିଲା ଯେ ବାସ୍ତବରେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ଜଣେ ସାହାସି ଓ ବୀର ପୁରୁଷ ପାଲଟି ଥିଲେ । ଏହା କେଉଁ କାରଣରୁ ସମ୍ଭବ ହେଲା ତାହା ପ୍ରଭୁ ହିଁ ଭଲରୂପେ ଜାଣନ୍ତି କିନ୍ତୁ ଶୈଶବ ଅବସ୍ଥାର ସେହି କଠୋରତା ତାଙ୍କ ଉପରେ କୌଣସି ପ୍ରକାର ନକାରାତ୍ମକ ପ୍ରଭାବ ପକାଇନଥିଲା । ଯଦି ଆଜିକାଲି କେହି ସେପରି କରନ୍ତି ତେବେ ସୋଶିଆଲ୍ ସର୍ଭିସ ବିଭାଗ ସଙ୍ଗେ ସଙ୍ଗେ ଆସି ପହଂଚିଯିବେ ଏବଂ ଛୁଆକୁ ନିଜ ସାଥିରେ ନେଇଯିବେ । ତେଣୁ ମାଆ ମାନେ ଏହାର ପରୀକ୍ଷା କରନ୍ତୁ ନାହିଁ ଅର୍ଥାତ ଏହି ପ୍ରଣାଳୀକୁ ଅବଲମ୍ବନ କରନ୍ତୁ ନାହିଁ ।

ଯେତେବେଳେ ଜୁବୈର୍ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ତାଙ୍କ ଚଚା ତାଙ୍କୁ ଏକ ଚଟାଇରେ ଗୋଡ଼ାଇ ଦେଇ ଧୁଆଁ ଦିଅନ୍ତି ଯଦ୍ୱାରା ଏହି କଷ୍ଟ ସହ୍ୟ ନ କରିପାରି ସେ ଇସ୍‌ଲାମ୍ ଧର୍ମ ପରିତ୍ୟାଗ କରିଦେବେ କିନ୍ତୁ ସେ ଏହା ହିଁ କହୁଥିଲେ ଯେ, ବର୍ତମାନ ମୁଁ କଦାପି ଅମାନ୍ୟକାରୀଙ୍କ ଆଡ଼କୁ ପ୍ରତ୍ୟାବର୍ତନ କରିବିନାହିଁ ।

***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୪୫୭.......... ବେରୁତ ୧୯୯୫)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ତାଙ୍କ ସମ୍ବନ୍ଧରେ କୁହନ୍ତି, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ଅତ୍ୟନ୍ତ ବୀର ଯୁବକ ଥିଲେ, ଇସ୍‌ଲାମର ବିଜୟ ସମୟରେ ସେ ଜଣେ ଜବରଦସ୍ତ ଜେନେରାଲ୍ ସାବ୍ୟସ୍ତ ହେଲେ, ତାଙ୍କ ଚଚା ଯଦିଚ ତାଙ୍କୁ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦେଉଥିଲେ ଚଟାଇରେ ଗୁଡ଼ାଇ ତାଙ୍କୁ ସେଥିରେ ଅଗ୍ନୀ ସଂଯୋଗ କରୁଥିଲେ ଏବଂ କଷ୍ଟ ଦେଉଥିଲେ ଏବଂ କହୁଥିଲେ ଜୁବୈର୍ କୁହ କଣ ବର୍ତମାନ ଇସ୍‌ଲାମ୍ ଧର୍ମରୁ ନିବୃତ ରହିବ

କି ନାହିଁ? କିନ୍ତୁ ସେ ଏହି ଅତ୍ୟାଚାରକୁ ସହ୍ୟ କରି ଉତର ଦେଉଥିଲେ ମୁଁ ସତ୍ୟତାକୁ ଚିହ୍ନିନେବା ପରେ ତାହାର ଅସ୍ୱୀକାର କରିପାରିବି ନାହିଁ ।

*(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୧୯୬-୧୯୭)*

ହିଶାମ୍ ବିନ୍ ଉରୱାଃ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ଯେତେବେଳେ ବାଲ୍ୟାବସ୍ଥାରେ ଥିଲେ ସେତେବେଳେ ଜଣେ ବ୍ୟକ୍ତି ତାଙ୍କ ସହ ଝଗଡ଼ା କଲେ ଏବଂ ସେମାନଙ୍କ ବଚସା ପରେ ମାଡ଼ଗୋଡ଼ ଆରମ୍ଭ ହୋଇଗଲା ଇଏ ଜଣେ ବାଳକ ଥିଲେ କିନ୍ତୁ ସେ ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତି ଥିଲେ ତଥାପି ମାଡ଼ଗୋଡ଼ରେ ତାଙ୍କର ଅର୍ଥାତ ବୟସ୍କବ୍ୟକ୍ତିଜଣଙ୍କ ହାତ ଭାଙ୍ଗିଗଲା ଏ ତାହାଙ୍କୁ ବହୁତ ଆଘାତ ପହଂଚାଇ ଦେଇଥିଲେ ଅର୍ଥାତ ଜୁବୈର୍ ର:ଅ ତାଙ୍କୁ ଅନେକ ଆଘାତ ପହଂଚାଇ ଦେଇଥିଲେ । ସେ ଯାହା ହେଉ ଉକ୍ତ ବ୍ୟକ୍ତିକୁ ବାହାନରେ ଲଦି ହଜ୍‌ରତ୍ ସଫିୟା ର:ଅଙ୍କ ନିକଟକୁ ଅଣାଯାଇଥିଲା ଏବଂ ତାଙ୍କୁ ଦେଖି ଅର୍ଥାତ ହଜ୍‌ରତ୍ ସଫିୟାଙ୍କୁ ଦେଖି ଲୋକ କହିଲେ ଦେଖ ତୁମ ପୁତ୍ର ଏହାର କଣ ଅବସ୍ଥା କରିଛି । ହଜ୍‌ରତ୍ ସଫିୟା ତାଙ୍କୁ କହିଲେ ଆଙ୍କୁ କଣ ହୋଇଛି ଲୋକେ କହିଲେ ତୁମ ପୁତ୍ର ଜୁବୈର୍ ଆଙ୍କ ସହ ଲଢ଼େଇ କରି ଏପରି ଅବସ୍ଥା କରିଛି । ଏଥିରେ ହଜ୍‌ରତ୍ ସଫିୟା ହଜ୍‌ରତ୍ ଜୁବୈର୍‌ଙ୍କ ବିରତ୍ୱରେ ଏହି ପଂକ୍ତି ପାଠ କରିଥିଲେ: **କୈଫା ରଅଇତା ଜବ୍‌ରନ୍, ଆ ଇକ୍‌ତନ୍ ହସିବ୍‌ତହୁ ଅମ୍ ତମ୍‌ରନ୍,** ଅର୍ଥାତ ତୁମେ ଜୁବୈର୍‌ଙ୍କୁ କିପରି ପାଇଲ ଓ କଣ ବୋଲି ଭାବିଲ କଣ ତାଙ୍କୁ ପନୀର ଓ ଖଜୁରୀ ବୋଲି ମନେକରିଥିଲ କି ସହଜରେ ତାକୁ ସେବନ କରିନେବ ଏବଂ ଯାହା ଚାହିଁବ କରିନେବ ସେ ତ କ୍ଷଣକରେ ଝାମ୍ପିନେବା ପକ୍ଷୀ ପରି ତୁମେ ତାକୁ କ୍ଷିପ୍ରତାର ସହ ଝାମ୍ପି ନେଉଥିବା ବାଜପକ୍ଷୀ ଭଳି ପାଇଥିବ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୭୪-୭୫............ ବେରୁତ ୧୯୯୦)*

ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ହବ୍‌ଶା ଆଡ଼କୁ ହୋଇଥିବା ମୁସଲମାନମାନଙ୍କର ଉଭୟ ହିଜ୍‌ରତ୍‌ରେ ଜୁବୈର୍ ର:ଅ ସାମିଲ ଥିଲେ । ଯେତେବେଳେ ସେ ହିଜ୍‌ରତ୍ କରି ମଦିନା ଆସିଲେ ସେତେବେଳେ ସେ ହଜ୍‌ରତ୍ ମୁନ୍‌ଜିର୍‌ଙ୍କ ଘରେ ଅବସ୍ଥାନ କରିଥିଲେ,

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୭୫............ ବେରୁତ ୧୯୯୦)*

ହଜ୍‌ତର୍ ଅସ୍‌ମା ଯିଏ କି ଜୁବୈର୍‌ଙ୍କ ସହଧର୍ମିଣି ଥିଲେ କୁହନ୍ତି ହିଜ୍‌ରତ୍ ସମୟରେ ମୁଁ ଗର୍ଭବତୀ ଥିଲି ଆମେ କୁବା ଠାରେ କିଛି ସମୟ ପାଇଁ ଅବସ୍ଥାନ କଲୁ । ସେହିଠାରେ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ଜନ୍ମଗ୍ରହଣ କଲେ, ତାକୁ ନେଇ ମୁଁ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲି, ହଜୁର ତାଙ୍କୁ ନିଜ କୋଳରେ ଧରିଲେ, ଗୋଟିଏ ଖଜୁରୀ ମଗାଇ ଚୋବାଇଲେ ଏବଂ ତାହାକୁ ନରମ କରି ଉକ୍ତ ଶିଶୁ ପୁତ୍ରର ପାଟିରେ ଦେଲେ, ଏହିପରି ସେହି ଶିଶୁପୁତ୍ର ପେଟରେ ସର୍ବପ୍ରଥମେ ହଜୁର ସ:ଆ:ସଙ୍କ ଲାଳ ପ୍ରବେଶ କରିଥିଲା ତଥା ତାହା ପାଇଁ ବରକତ୍‌ର ଦୁଆ ମଧ୍ୟ ହଜୁର କରିଥିଲେ । ସେ ହେଉଛନ୍ତି ପ୍ରଥମ ଶିଶୁ ଯିଏ ଇସ୍‌ଲାମ୍ ଧର୍ମର ଜନ୍ମ ହୋଇଥଲେ । *(ସହି ବୁଖାରୀ...... ହଦିସ୍ ନଂ- ୩୯୦୯)* ସହି ମୁସ୍‌ଲିମ୍‌ର ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ ହିଁ ତାଙ୍କର ଅବ୍‌ଦୁଲ୍ଲାଃ ନାମ କାରଣ କରିଥିଲେ, ଯେତେବେଳେ ସେ ସାତ ଆଠ ବର୍ଷର ହେଲେ ସେତେବେଳେ ନିଜ ପିତା ଜୁବୈର୍‌ଙ୍କ ଆଦେଶ ପାଳନ କରି ହଜୁର ସ:ଆ:ସଙ୍କ ବୟତ କରିବାକୁ ସେ ଆସି ପହଂଚିଲେ । ଯେତେବେଳେ ହଜୁର ସ:ଆ:ସଙ୍କ ନିକଟକୁ ଆସିଲେ ସେତେବେଳେ ହଜୁର ଦୂରରୁ ଦେଖି ସ୍ମିତ ହାସ୍ୟ ପ୍ରକାଶ୍ୟ କଲେ । ତା'ପରେ ହଜୁର ତାଙ୍କଠାରୁ ବୟତ ନେଲେ ।

*(ସହି ମୁସ୍‌ଲିମ୍......... ହଦିସ୍ ନଂ- ୨୧୪୬)*

ମକ୍କାରେ ହଜୁର ସ:ଆ:ସ ମୁହାଜରିନ୍‌ଙ୍କ ମଧ୍ୟରେ ଯେତେବେଳେ ମୈତ୍ରିକ ସମ୍ପର୍କ ସ୍ଥାପନ କରୁଥିଲେ ସେତେବେଳେ ହଜ୍‌ରତ୍ ଜୁବୈର୍‌ଙ୍କର ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ । ହିଜ୍‌ରତ୍ ପରେ ଅନ୍‌ସାରଙ୍କ ସହ ମୈତ୍ରିକ ସମ୍ପର୍କ ସ୍ଥାପନ କଲା ବେଳେ ହଜ୍‌ରତ୍ ସଲମାଙ୍କ ସହ ତାଙ୍କର ଭାତୃଭାବ ସ୍ଥାପନ କରିଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୩୦୭.......... ବେରୁତ ୨୦୦୩)*

ହଜ୍‌ରତ୍ ଜୁବୈର୍ ନିଜ ପୁତ୍ରମାନଙ୍କ ନାମ ଶହୀଦମାନଙ୍କ ନାମରେ ନାମିତ କରିଥିଲେ, ଏହି ଆଶାରେ କି ପରମେଶ୍ୱର ସେମାନଙ୍କୁ ଶହୀଦ ହେବାର ସୌଭାଗ୍ୟ ପ୍ରଦାନ କରିବେ । ଅବ୍‌ଦୁଲ୍ଲାଃଙ୍କ ନାମ ଅବ୍‌ଦୁଲ୍ଲାଃ ବିନ୍ ଜୈହସ୍, ମୁନ୍‌ଜିର୍‌ଙ୍କ ନାମ ମୁନ୍‌ଜିର୍ ବିନ୍ ଅମ୍‌ରୋ, ଉରୱାଙ୍କ ନାମ ଉରୱା ବିନ୍ ମସ୍‌ଉଦ୍ ରଖିଥିଲେ । ସେହିପରି ହମ୍‌ଜାଃଙ୍କ ନାମ ହମ୍‌ଜାଃ ବିନ୍ ଅବ୍‌ଦୁଲ୍ ମୁତ୍‌ଲିବ୍ ନାମରେ, ଜାଫରଙ୍କର ନାମ ଜାଫର୍ ବିନ୍ ଅବୁ ତାଲିବ, ମୁସେବ୍‌ଙ୍କର ନାମ ମୁସେବ ବିନ୍ ଉମୈର୍, ଅବୈଦାଃଙ୍କ ନାମ ଅବିଦା ବିନ୍ ହାରିସ୍‌ଙ୍କ ନାମ ଅନୁସାରେ ରଖିଥିଲେ । ସେହିପରି ଖାଲିଦ୍‌ଙ୍କ ନାମ ଖାଲିଦ୍ ବିନ୍ ସଇଦ୍ ଏବଂ ଉମ୍‌ରୋଙ୍କ ନାମ ଉମ୍‌ରୋ ବିନ୍ ସଇଦ୍‌ଙ୍କ ନାମ ଅନୁସାରେ ରଖିଥିଲେ । ହଜ୍‌ରତ୍ ଉମ୍‌ରୋ ବିନ୍ ସଇଦ୍ ୟର୍‌ମୁକ୍ ଯୁଦ୍ଧରେ ଶହୀଦ ହୋଇଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୭୪............ ବେରୁତ ୧୯୯୦)*

ଯଦିଚ ଏହା ଜଣାନାହିଁ ଯେ, ଏଭଳି ନାମକରଣ କରିବା କେଉଁ ପର୍ଯ୍ୟନ୍ତ ସଠିକ୍ କାରଣ ଉକ୍ତ ଶହୀଦମାନଙ୍କ ଦେହାନ୍ତ ପୂର୍ବରୁ ଏହି ଛୁଆମାନେ ଜନ୍ମଗ୍ରହଣ କରିସାରିଥିଲେ କି ପରେ ତାହା ଅଲ୍ଲାଃ ହିଁ ଜାଣନ୍ତି କିନ୍ତୁ ଏହି ସୁପ୍ରଶିଦ୍ଧ ବ୍ୟକ୍ତିମାନଙ୍କର ନାମରେ ପିଲାମାନଙ୍କ ନାମକରଣ କରାଯାଇଥିଲା ।

ଉରୱା ବିନ୍ ଜୁବୈର୍ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଜୁବୈର୍ ଏଭଳି ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଥିଲେ, ଯେତେବେଳେ ସେ କୌଣସି ବାହନ ଉପରେ ଆରୋହଣ କରୁଥିଲେ ସେତେବେଳେ ତାଙ୍କ ପାଦ ଭୂପୃଷ୍ଠକୁ ସ୍ପର୍ଶ କରୁଥିଲା ।

*(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୪୫୮....... ବେରୁତ ୧୯୯୫)*

ହଜ୍‌ରତ୍ ଅବ୍‌ଦୁଲ୍ଲା ବିନ୍ ଜୁବୈର୍ କୁହନ୍ତି ମୁଁ ନିଜ ପିତାଙ୍କୁ ପଚାରିଲି ଯେପରି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ଓ ଅନ୍ୟ ସାହାବାମାନେ ହଦିସ୍ ବର୍ଣ୍ଣନା କରୁଛନ୍ତି ସେହିପରି ଆପଣଙ୍କୁ ମୁଁ ବର୍ଣ୍ଣନା କରିବାର ଦେଖୁନାହିଁ ଏହାର କାରଣ କଣ? ସେ ଉତର ଦେଲେ ଯେତେବେଳେ ମୁଁ ଇସ୍‌ଲାମ୍ ଧର୍ମ ସ୍ୱୀକାର କଲି ସେବେଠାରୁ ହଜୁର ସ:ଆ:ସଙ୍କ ଠାରୁ କଦାପି ଅଲଗା ହୋଇନାହିଁ । କିନ୍ତୁ ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ, ଯେଉଁ ବ୍ୟକ୍ତି ଜାଣିଶୁଣି ମୋ ସମ୍ବନ୍ଧରେ ମିଥ୍ୟାବଚନ ବର୍ଣ୍ଣନା କରେ, ତେବେ ସେ ନର୍କରେ ନିଜ ସ୍ଥାନ ଧାର୍ଯ୍ୟ କରିନେବ । ତେଣୁ ମୁଁ ବହୁତ ସର୍ତକତା ଅବଲମ୍ବନ କରୁଛି ଏପରି କି ଭୁଲବଶତଃ କୌଣସି କଥା ହଜୁର ସ:ଆ:ସଙ୍କ ସମ୍ବନ୍ଧରେ କହିନଦିଏ ଯଦ୍ୱାରା ଦଣ୍ଡରେ ଦଣ୍ଡିତ ହେବାର ମୁଁ ଅଧିକାରି ସାବ୍ୟସ୍ତ ହୋଇଯିବି । *(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍‌ବଲ୍, ଖଣ୍ଡ-୧, ପୃ-୪୫୧....... ହଦିସ୍ ୧୪୧୩...... ବେରୁତ ୧୯୯୮)*

ହଜ୍‌ରତ୍ ସଇଦ୍ ବିନ୍ ମୁସୟିବ୍ ର:ଅ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ଅଲ୍ଲାଃ ତାଲାଙ୍କ ପାଇଁ ନିଜର ଖଡ୍ଗ ଉତଳନ କରିଥିଲେ । ଏକଦା ହଜ୍‌ରତ୍ ଜୁବୈର୍ ର:ଅଙ୍କୁ ହଠାତ୍ କେଉଁଠୁ ସ୍ୱର ଶୁଭିଲା ଯେ ମୁହମ୍ମଦ ସ:ଆ:ସଙ୍କୁ ହତ୍ୟା କରିଦିଆଯାଇଛି । ସେ ଶୀଘ୍ର ନିଜର ତଲବାରୀ ଧରି ବାହାରିଲେ ହଜୁର ସ:ଆ:ସ ବାଟରେ ତାଙ୍କୁ ଭେଟ କଲେ ଏବଂ ପଚାରିଲେ ରହିଯାଅ ଜୁବୈର୍ କଣ ହୋଇଛି, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ କହିଲେ ଯେ ମତେ ସ୍ୱର ଶୁଣିଲା ଯେ ନଉଜୁବିଲ୍ଲାଃ ଆପଣଙ୍କୁ ଶହୀଦ କରିଦିଆଯାଇଛି । ହଜୁର ସ:ଆ:ସ ପଚାରିଲେ ଯେ ଯଦି ମତେ ଶହୀଦ କରିଦିଆଯାଇଥାନ୍ତା ତାହେଲେ ମୁଁ କଣ କରିପାରିଥାନ୍ତି ଏବଂ ତୁମର କଣ ପ୍ରତିକ୍ରିୟା ହୋଇଥାନ୍ତା, ପ୍ରତିଉତରରେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ କହିବାକୁ ଲାଗିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି, ମୁଁ ଏହି ଇଚ୍ଛା ବ୍ୟକ୍ତ କରିଥିଲି ଯେ ମୁଁ ସମଗ୍ର ମକ୍କାବାସୀଙ୍କୁ ନିପାତ କରିଦେବି । ହଜୁର ସ:ଆ:ସ ସେତେବେଳେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ପାଇଁ ବିଶେଷରୂପେ ଦୁଆ କରିଥିଲେ ।

ସଇଦ୍ ବିନ୍ ମୁସୟିବ୍‌ଙ୍କ ଅନ୍ୟ ଏକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ଖଡ୍ଗପାଇଁ ମଧ୍ୟ ଦୁଆ କରିଥିଲେ । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଓହଦ୍ ଯୁଦ୍ଧ ବ୍ୟତିତ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ଥିଲେ । ଓହଦ୍ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସହିତ ଅବିଚଳ ଓ ଅଟଳ ରହିଥିଲେ । ହଜୁର ସ:ଆ:ସଙ୍କ ହାତରେ ସେ ଯୁଦ୍ଧରେ ଲଢ଼ି ମରିବାପାଇଁ ବୟତ କରିଥିଲେ । ମକ୍କା ବିଜୟ ଅବସରରେ ହିଜ୍‌ରତ୍ କାରୀଙ୍କ ତିନୋଟି ଧ୍ୱଜା ମଧ୍ୟରୁ ଗୋଟିଏ ଧ୍ୱଜା ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ନିକଟରେ ରହିଥିଲା ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୭୭............ ବେରୁତ ୧୯୯୦)*

ବଦର୍ ଯୁଦ୍ଧ ଦିନ ହଜୁର ସ:ଆ:ସଙ୍କ ସହିତ କେବଳ ଦୁଇଟି ଅଶ୍ୱ ଥିଲା, ତନ୍ମଧ୍ୟରୁ ଗୋଟିଏ ଅଶ୍ୱ ଉପରେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଆରୋହଣ କରିଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୭୬............ ବେରୁତ ୧୯୯୦)*

ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ବଦର ଯୁଦ୍ଧରେ ମୁଣ୍ଡରେ ହଳଦୀରଙ୍ଗର ପଗଡ଼ି ପିନ୍ଧିଥିଲେ । ହଜୁର ସ:ଆ:ସ ତାଙ୍କୁ ଦେଖି କହିଲେ, ଦେବଦୂତ ବେଶରେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଭୂପୃଷ୍ଠରେ ଅବତରଣ କରିଛନ୍ତି ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୭୬............ ବେରୁତ ୧୯୯୦)*

ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ କହୁଥିଲେ ଯେ ବଦର ଯୁଦ୍ଧ ଦିନ ଉବୈଦ୍ ବିନ୍ ସଇଦ୍‌ଙ୍କ ସହିତ ମୁଁ ମୁହାଁମୁହିଁ ହୋଇଗଲି ଏବଂ ସେ ସମଗ୍ର ଅସ୍ତ୍ରଶସ୍ତ୍ର ନିଜ ଶରୀରରେ ଧାରଣ କରିଥିଲା । ତାହାର କେବଳ ଚକ୍ଷୁ ହିଁ ଦେଖାଯାଉଥିଲା ଏବଂ ତା'ର କୁନିୟତ ଅବ୍‌ଦୁଲ୍ଲୁ ଜାତୁଲ୍ କିର୍‌ଶି ଥିଲା । ସେ କହିଲା, ମୁଁ ଅବୁ ଜଅତୁଲ୍ କିର୍‌ଶି ଏହା ଶୁଣିବାମାତ୍ରେ ତା'ଉପରକୁ ବର୍ଚ୍ଛା ଦ୍ୱାରା ଆକ୍ରମଣ କଲି ଏବଂ ତା'ର ଚକ୍ଷୁକୁ କ୍ଷତାକ୍ତ କରିଦେଲି ଯାହାଫଳରେ ସେ ମରିଗଲା । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ କୁହନ୍ତି ମୁଁ ନିଜର ଗୋଡ଼ ତା' ଉପରେ ରଖି ଖୁବ୍ ଜୋର୍‌ରେ ବଳ ପ୍ରୟୋଗ କଲି ଏବଂ ବହୁ କଷ୍ଟରେ ମୁଁ ସେହି ବର୍ଚ୍ଛାକୁ ଟାଣି ବାହାରକଲି । ଯଦ୍ୱାରା ସେହି ବର୍ଚ୍ଛାର ମୂନର ଉଭୟ ପାର୍ଶ୍ୱ ବଙ୍କା ହୋଇଗଲା ।

ଉରୱା ର:ଅ କହିଲେ ଯେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କୁ ଉକ୍ତ ବର୍ଚ୍ଛାଟିକୁ ମାଗିଲେ, ସେତେବେଳେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ବର୍ଚ୍ଛାଟିକୁ ହଜୁର ସ:ଆ:ସଙ୍କୁ ପ୍ରଦାନ କରିଦେଇଥିଲେ । ଯେତେବେଳେ ହଜୁର ସ:ଆ:ସଙ୍କର ଦେହାନ୍ତ ଘଟିଲା, ସେତେବେଳେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଉକ୍ତ

ବର୍ଚ୍ଛାକୁ ଫେରାଇ ନେଇଥିଲେ । ପନୁଶ୍ଚ ଏହାପରେ ଯେତେବେଳେ ହଜରତ ଅବୁବକର ର:ଅ ସେହି ବର୍ଚ୍ଛାଟିକୁ ଜୁବୈର୍‌ଙ୍କଠାରୁ ମାଗିଥିଲେ ସେତେବେଳେ ସେ ତାଙ୍କୁ ଅର୍ଥାତ ହଜରତ୍ ଅବୁବକର ର:ଅଙ୍କୁ ମଧ୍ୟ ପ୍ରଦାନ କରିଦେଇଥିଲେ । ଏହିପରି ହଜ୍‌ରତ୍ ଅବୁବକର ର:ଅଙ୍କ ବିୟୋଗ ପରେ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ଜୁବୈରଙ୍କଠାରୁ ଉକ୍ତ ବର୍ଚ୍ଛାଟିକୁ ସଂଗ୍ରହ କରିଥିଲେ । ପନୁଶ୍ଚ ଯେତେବେଳେ ହଜ୍‌ରତ୍ ଉମର ର:ଅଙ୍କ ବିୟୋଗ ଘଟିଲା, ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଉକ୍ତ ବର୍ଚ୍ଛାଟିକୁ ଜୁବୈରଙ୍କଠାରୁ ନେଇଥିଲେ । ଏହିପରି ବର୍ଚ୍ଛାଟି ହଜ୍‌ରତ୍ ଅଲୀ ର:ଅଙ୍କ ନିକଟରେ ପହଂଚିଥିଲା, ପରିଶେଷରେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଉକ୍ତ ବର୍ଚ୍ଛାଟିକୁ ହଜ୍‌ରତ୍ ଅଲୀଙ୍କଠାରୁ ସଂଗ୍ରହ କରିନେଇଥିଲେ ଏବଂ ତାହା ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ପାଖରେ ହିଁ ରହିଥିଲା ଏପରି କି ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ବୀରଗତି ପ୍ରାପ୍ତ କରିନେଇଥିଲେ ।

***(ସହୀ ବୁଖାରୀ, କିତାବୁଲ୍ ମଗାଜି, ବାବ୍ ୧୨, ହଦିସ୍ ୩୯୯୮)***

ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ବର୍ଣ୍ଣନା କରନ୍ତି, ଓ୍ୱହଦ୍ ଯୁଦ୍ଧ ଦିନ ହଜୁର ସ:ଆ:ସ ମୋ ପାଇଁ ନିଜ ମାତାପିତାଙ୍କୁ ଏକତ୍ରିତ କଲେ ଅର୍ଥାତ ଏପରି କହିଲେ ଯେ ମୋ ପିତାମାତା ତୁମ ପାଇଁ ଉତ୍ସର୍ଗୀତ ।

***(ମସନଦ୍ ଅହମଦ୍ ହମ୍ବଲ, ଖଣ୍ଡ-୧, ପୃ-୪୫୦....... ହଦିସ୍ ନଂ-୧୪୦୮)***

ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ କୁହନ୍ତି ଓ୍ୱହଦ୍ ଯୁଦ୍ଧ ଦିନ ଆମ ସମ୍ମୁଖରେ ଜଣେ ମହିଳା ଖୁବ୍ ତିବ୍ରବେଗରେ ଆସୁଥିଲେ ଏବଂ ନିକଟତର ଥିଲା କି ସେ ଶହୀଦମାନଙ୍କୁ ଦେଖିନେଇଥାନ୍ତେ । ହଜୁର ସ:ଆ:ସ ଏହା ପସନ୍ଦ କଲେ ନାହିଁ କାରଣ ଶହୀଦମାନଙ୍କୁ ଅତ୍ୟନ୍ତ ନିର୍ମମ ଭାବରେ ଅଙ୍ଗଛେଦ କରି ଶହୀଦ କରାଯାଇଥିଲା । ତେଣୁ ହଜୁର ସ:ଆ:ସ କହିଲେ ସେହି ମହିଳାଙ୍କୁ ଦୁରେଇ ରଖ । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ କୁହନ୍ତି ମୁଁ ଅନୁମାନ କରିନେଇଥିଲି ଯେ ସେ ମୋ ମାତା ହଜ୍‌ରତ୍ ସଫିୟା ର:ଅ ଥିଲେ । ଅତଏବ ମୁଁ ତାଙ୍କ ନିକଟକୁ ଦଉଡ଼ି ଗଲି ଏବଂ ସେ ଶହୀଦମାନଙ୍କ ମରଶରୀର ନିକଟରେ ପହଂଚିବା ପୂର୍ବରୁ ତାଙ୍କୁ ଧରି ନେଇଥିଲି ଏବଂ ତାଙ୍କ ଆଗକୁ ବଢ଼ିବାକୁ ବାରଣ କରିଥିଲି । କିନ୍ତୁ ସେ ମୋ ଛାତିରେ ହାତମାରି ମତେ ପଛକୁ ଠେଲି ଦେଇଥିଲେ ସେ ଜଣେ ବଳବାନ ମହିଳା ଥିଲେ ମତେ କହିଲେ ସାମ୍‌ନାରୁ ତୁ ହଟିଯା ମୁଁ କହିଲି ହଜୁର ସ:ଆ:ସ ଆପଣଙ୍କୁ ଏପରି ନ କରିବାକୁ ଅର୍ଥାତ ଶହୀଦମାନଙ୍କ ମରଶରୀରକୁ ନ ଦେଖିବାକୁ ରାଣ ଦେଇଛନ୍ତି । ଏହା ଶୁଣିବା ମାତ୍ରେ ସେ ଅଟକି ଗଲେ ଏବଂ ନିଜ ନିକଟରେ ଥିବା ଏକ କପଡ଼ା ବାହାର କରି କହିଲେ ଏହି ଦୁଇ ବସ୍ତ୍ରକୁ ନିଅ ମୋ ଭ୍ରାତା ହମ୍‌ଜା ର:ଅଙ୍କ ପାଇଁ ମୁଁ ନେଇ ଆସିଛି କାରଣ ମତେ ତାଙ୍କ ଶହୀଦ ହେବାର ଖବର ମିଳିସାରିଛି ତୁମେ ଏହି ବସ୍ତ୍ରରେ ତାଙ୍କୁ କଫନ ଦେବ ।

ଆଉ ଏକ ବର୍ଣ୍ଣନାରେ ଦରଜ ରହିଛି କି, ହଜ୍‌ରତ୍ ସଫିୟା କହିଲେ ମତେ ଖବର ମିଳିଲା ଯେ, ମୋ ଭାଇର ମୁସ୍‌ଲା କରିଦିଆଯାଇଛି (ଅର୍ଥାତ ତାଙ୍କ ଆଖି, କାନ, ନାକ ଇତ୍ୟାଦି ଅଙ୍ଗକୁ କାଟି ଦିଆଯାଇଅଛି)ପ୍ରଭୁଙ୍କ ମାର୍ଗରେ ହଜ୍‌ରତ୍ ହମ୍‌ଜା ର:ଅଙ୍କ ସହ ଏଭଳି ବ୍ୟବହାର କରାଯାଇଥିଲା ଏଥିରେ ଆମେ କାହିଁ କ୍ରୋଧିତ ହେବା ବରଂ ଇନ୍‌ଶାଅଲ୍ଲାଃ ତାଲା ଧୈର୍ଯ୍ୟ ରକ୍ଷା କରିବି ଏବଂ ଏହାର ପ୍ରତିଫଳ ପ୍ରଭୁଙ୍କ ଶରଣରୁ କାମନା କରିବି । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ତାଙ୍କ ମାତାଙ୍କଠାରୁ ଏହି ଉତର ଶୁଣି ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ସମସ୍ତ ଘଟଣା ଉପରେ ଆଲୋଚନା କଲେ । ଏଥିରେ ହଜୁର କହିଲେ, ସଫିୟାଙ୍କୁ ତାଙ୍କ ଭାଇଙ୍କ ମରଶରୀରକୁ ଦେଖିବାକୁ ଦିଅ ଅତଏବ ସେ ଆଗକୁ ବଢ଼ିଲେ ଏବଂ ହମ୍‌ଜାଙ୍କୁ ଦେଖିଲେ ଓ ଦୁଆ କଲେ କ୍ଷମା ପ୍ରାର୍ଥନା କଲେ ଓ କହିଲେ *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ତା'ପରେ ହଜୁର ସ:ଆ:ସ ହଜ୍‌ରତ୍ ହମ୍‌ଜା ର:ଅଙ୍କ ଶେଷକୃତ୍ୟ ସମ୍ପନ୍ନ କରିବାକୁ ଆଦେଶ ଦେଲେ ।

ପୁଣି ବର୍ଣ୍ଣନାକାରୀ କୁହନ୍ତି ଯେତେବେଳେ ଆମେ ହମ୍‌ଜା ର:ଅଙ୍କୁ ସେହି ଦୁଇ ବସ୍ତ୍ରରେ କଫନ ଦେବାକୁ ଲାଗିଲୁ ସେତେବେଳେ ଦେଖିଲୁ କି ତାଙ୍କ ନିକଟରେ ଜଣେ ଅନ୍‌ସାରୀ ସାହାବି ଶହୀଦ ହୋଇପଡ଼ିଛନ୍ତି ଏବଂ ତାଙ୍କର ମଧ୍ୟ ମୁସ୍‌ଲା କରିଦିଆଯାଇଛି । ଶତ୍ରୁମାନେ ତାଙ୍କର ମଧ୍ୟ ଅଙ୍ଗଛେଦ କରିଥିଲେ, ଆମକୁ ଲଜ୍ଜା ଲାଗିଲା କି ହଜ୍‌ରତ୍ ହମ୍‌ଜା ର:ଅଙ୍କୁ ଦୁଇଟି ବସ୍ତ୍ରରେ କଫନ ଦେବୁ ଏବଂ ଏହି ଅନ୍‌ସାର ସାହାବିଙ୍କ ପାଇଁ ଗୋଟିଏ ହେଲେ ବି କଫନ ନାହିଁ । ତେଣୁ ଆମେ ନିଷ୍ପତି ନେଲୁ ଯେ, ଉଭୟଙ୍କୁ ଗୋଟିଏ ଗୋଟିଏ ବସ୍ତ୍ର ପିନ୍ଧାଇ କଫନ ଦେବୁ । ଆକଳନ କରିବାରୁ ଜଣାଗଲା ଯେ, ଦୁହିଁଙ୍କ ମଧ୍ୟରୁ ଜଣେ ଅଧିକ ଲମ୍ବା ଶରୀର ବିଶିଷ୍ଟ ଥିଲେ ତେଣୁ ଆମେ ଗୋଳା ପକାଇଲୁ ଏବଂ ଯାହା ନାମରେ ଯେଉଁ ବସ୍ତ୍ର ଉଠିଲା ତାହାକୁ ସେହି ବସ୍ତ୍ରରେ କଫନ ଦେଲୁ ତଥାପି ତାଙ୍କୁ ଉକ୍ତ ବସ୍ତ୍ରଟି ପୂର୍ଣ୍ଣରୂପେ ଢ଼ାଙ୍କି ପରିନଥିଲା ତେଣୁ ଆମେ ଘାସ ବ୍ୟବହାର କରିଥିଲୁ । ବାକି ଅଂଶକୁ ଘାସ ଦ୍ୱାରା ଆଚ୍ଛାଦିତ କରି ତାଙ୍କର ଶେଷକୃତି ସମ୍ପନ୍ନ କରିଥିଲୁ ।

***(ମସନଦ୍ ଅହମଦ୍ ବିନ୍ ହମ୍ବଲ୍, ଖଣ୍ଡ-୧, ପୃ-୪୫୨ ବେରୁତ ୧୯୯୮) (ସିରତୁଲ୍ ନବୁୱା....... ଖଣ୍ଡ-୨, ପୃ-୯୭...... ମିସର୍ ୧୯୫୫) (ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୧୦........... ବେରୁତ ୧୯୯୦)***

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଖନ୍ଦକ ଯୁଦ୍ଧ ସମୟରେ ହଜୁର ସ:ଆ:ସ କହିଲେ , କିଏ ଅଛନ୍ତି ଯିଏ ମତେ ବନୁ କୁରୈଜାଃର ସୁଚନା ଦେବ ଅର୍ଥାତ ତାଙ୍କର ହର୍‌କତ୍ ସମ୍ବନ୍ଧରେ ଅବଗତ କରିବ । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ କହିଲେ, ହଜୁର ମତେ ଆଦେଶ ଦିଅନ୍ତୁ ତଥାପି ହଜୁର ସ:ଆ:ସ ତୃତୀୟଥର କହିଲେ କିଏ ଅଛି ଯିଏ ମତେ ବନୁ କୁରୈଜାଃର ଖବର ଆଣିଦେବ । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ମଧ୍ୟ ସେହି ସମାନ କଥା ପୁର୍ନବାର ଦୋହାରାଇଥିଲେ । ହଜୁର ସ:ଆ:ସ କହିଲେ ପ୍ରତ୍ୟେକ ନବୀର ଜଣେ ହୱାରି ଥାଏ ଏବଂ ମୋ ହୱାରି ହେଉଛନ୍ତି ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ଜଣେ ବ୍ୟକ୍ତିକୁ ଏହା କହିବାର ଶୁଣିଥିଲେ କି ମୁଁ ହଜୁର ସ:ଆ:ସଙ୍କ ହୱାରିର ପୁତ୍ର । ହୱାରି ଅର୍ଥାତ ସଚ୍ଚୋଟ ସାହାବି ଓ ସାଥି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ କହିଲେ, ଯଦି ତୁମେ ହଜ୍‌ରତ୍ ଜୁବୈର୍ ର:ଅଙ୍କ ସନ୍ତାନମାନଙ୍କ ମଧ୍ୟରେ ଜଣେ ତେବେ ଠିକ୍ ନଚେତ ଏପରି ଉକ୍ତି କହିବା ତୁମର ଭୁଲ, ପଚରାଗଲା ଯେ, ହଜ୍‌ରତ୍ ଜୁବୈର୍ ର:ଅଙ୍କ ବ୍ୟତିତ କଣ ଆଉ କୌଣସି ମଧ୍ୟ ବ୍ୟକ୍ତି ଏପରି ଅଛନ୍ତି ଯାହାଙ୍କୁ ହଜୁର ସ:ଆ:ସଙ୍କ ହୱାରି କୁହାଯାଉଥିଲା ? ଏଥିରେ ହଜ୍‌ରତ୍ ଇବ୍‌ନେ ଉମର କହିଲେ ଯେ ମୋ ଜ୍ଞାତସାରରେ ତେ ଆଉ କେହି ଏପରି ନାହାନ୍ତି ।

ହଜ୍‌ରତ୍ ଇବ୍‌ନେ ଉମର୍ କୁହନ୍ତି, ମୋ ଜ୍ଞାତରେ ତ ହଜୁର ସ:ଆ:ସଙ୍କର ଜୁବୈର୍‌ଙ୍କ ବ୍ୟତିତ ଅନ୍ୟ କେହି ହୱାରି ନଥିଲେ ।

***(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୭୮........... ବେରୁତ ୧୯୯୦)***

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ବର୍ଣ୍ଣନା କରନ୍ତି କି, ଅହଜାବ୍ ଯୁଦ୍ଧ ଦିନ ମତେ ଓ ଉମର୍ ବିନ୍ ଅବି ସଲ୍‌ମାଙ୍କୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଚୟନ କରାଗଲା । ମୁଁ ଦେଖିଲି ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ଅଶ୍ୱ ଉପରେ ଆରୋହଣ କରିଛନ୍ତି ଏବଂ ମୁଁ ତାଙ୍କୁ ବନୁ କୁରୈଜା ଆଡ଼କୁ ଦୁଇତିନିଥର ଯିବାର ଦେଖିଲି ଯେତେବେଳେ ମୁଁ ପ୍ରତ୍ୟାବର୍ତନ କରିଆସିଲି ସେତେବେଳେ ନିଜ ପିତାଙ୍କୁ କହିଲି ମୁଁ ଆପଣଙ୍କୁ ଏଣେତେଣେ ଯିବାର ଦେଖିଲି, ସେ କହିଲେ କଣ ତୁମେ ସତରେ ମତେ ଦେଖିନେଇଥିଲ । ସେ କହିଲେ, ହଜୁର ସ:ଆ:ସ କହିଥିଲେ ବନୁ କୁରୈଜାଃର ଗତିବିଧିର ସୁଚନା କିଏ ଆଣି ମତେ ଦେବ ? ସେହି ଉଦ୍ଦେଶ୍ୟରେ ମୁଁ ସେଠାକୁ ବାହାରିଯାଇଥିଲି ସେଠାରୁ ଫେରିବା ପରେ ହଜୁର ନିଜ ପିତାମାତା ଦୁଇଜଣଙ୍କର ନାମ ନେଇଥିଲେ ଅର୍ଥାତ କହିଥିଲେ ଯେ ତୁମସକାଶେ ମୋ ପିତାମାତା ଉତ୍ସର୍ଗୀକୃତ ।

ଖୈବର ଯୁଦ୍ଧରେ ୟହୁଦୀମାନଙ୍କର ପ୍ରଶିଦ୍ଧ ଅଧିପତି ମର୍‌ହବ୍ ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲେମାଙ୍କ ଦ୍ୱାରା ନୀହତ ହୋଇଥିଲା । ତେବେ ତା' ଭାଇ ୟାସିଦ୍ ରଣଭୂମିକୁ ଓହ୍ଲାଇ ଆସିଥିଲା । ସେ ସ୍ଲୋଗାନ ଦେଇଥିଲା ଯେ କିଏ ଅଛି ଯିଏ ମୋ ସହ ମୁକାବିଲା କରିବ ? ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ତା' ସହିତ ଲଢ଼ିବାପାଇଁ ଆଗକୁ ବଢ଼ିଥିଲେ ଏହା ଦେଖି ହଜ୍‌ରତ୍ ସଫିୟା ର:ଅ ନବି କରିମ୍ ସ:ଆ:ସଙ୍କୁ କହିଲେ, ହେ ଅଲ୍ଲାଃଙ୍କ ରସୁଲ ! ମତେ ଏହା ଜଣାପଡୁଛି ଯେ ଆଜି ମୋର ପୁତ୍ର ବୀରଗତି ପ୍ରାପ୍ତ କରିବ । ହଜୁର ସ:ଆ:ସ କହିଲେ, ନାଁ ବରଂ ତୁମର ପୁତ୍ର ତାକୁ ନୀହତ କରିବ । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ସେହି ୟାସିର୍‌ର ମୁକାବିଲା ନିମନ୍ତେ ବାହାରିଲେ ଏବଂ ୟାସିର ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ଦ୍ୱାରା ନୀହତ ହୋଇଥିଲା ।

***(ସିରତୁନ୍ ନବୱିୟା......... ଖଣ୍ଡ-୨, ପୃ-୩୩୪........ ମିସର୍ ୧୯୫୫)***

ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ତିନିଜଣ ଲୋକମାନଙ୍କ ମଧ୍ୟରେ ସାମିଲ ଥିଲେ ଯେଉଁମାନଙ୍କୁ ହଜୁର ସ:ଆ:ସ ଏପରି ଜାଣେ ମହିଳା ବିଷୟରେ ଜାଣିବାପାଇଁ ପ୍ରେରଣ କରିଥିଲେ ଯିଏ ଅବିଶ୍ୱାସକାରୀଙ୍କ ପାଇଁ ହଜ୍‌ରତ୍ ହାତିବ୍ ବିନ୍ ଅବି ବଲ୍‌ତାଆର ପତ୍ର ଘେନି ଯାଇଥିଲା । ଉକ୍ତ ଘଟଣାର ବିସ୍ତୃତ ବ୍ୟାଖ୍ୟା ଏପରି ଦରଜ ରହିଛି ଯେ, ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରନ୍ତି ହଜୁର ସ:ଆ:ସ ମତେ, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଏବଂ ହଜ୍‌ରତ୍ ମିକ୍‌ଦାଦ୍ ର:ଅଙ୍କୁ ଏକ ସ୍ଥାନକୁ ପ୍ରେରଣ କଲେ ଏବଂ କହିଲେ, ଯେତେବେଳେ ତୁମେ ରୁଜାଏ ଖାକ୍ ନାମକ ସ୍ଥାନ ନିକଟରେ ପହଂଚିବ ସେଠାରେ ତୁମକୁ ଜଣେ ମହିଳା ମିଳିବେ ତାଙ୍କ ନିକଟରେ ଗୋଟିଏ ପତ୍ର ଥିବ ତୁମେ ତାହାକୁ ତାଙ୍କଠାରୁ ସଂଗ୍ରହ କରି ଫେରି ଆସିବ । ଅତଏବ ଆମେ ଆଦେଶ ପାଳନ କରି ବାହାରିଗଲୁ ଏପରିକି ସେହି ସ୍ଥାନରେ ପହଂଚିଲୁ ଏବଂ ବାସ୍ତବରେ ସେହିଠାରେ ହିଁ ଆମେ ଜଣେ ମହିଳାଙ୍କୁ ପାଇଲୁ ଆମେ ତାଙ୍କୁ କହିଲୁ ତୁମ ନିକଟରେ ଯେଉଁ ପତ୍ର ଅଛି ଆମକୁ ଦେଇଦିଅ । ସେ ଉତର ଦେଲା ମୋ ନିକଟରେ କୌଣସି ପତ୍ର ନାହିଁ । ଆମେ ପୁନଶ୍ଚ ତାକୁ କହିଲୁ ଯଦି ତୁମେ ପତ୍ର ନ ଦିଅ ତେବେ ଆମେ ତୁମ ସହ କଠୋରତା ପ୍ରଦର୍ଶନ କରିବୁ ଏବଂ ତୁମକୁ ଉଲଗ୍ନ କରିଦେବୁ । ବାଧ୍ୟ ହୋଇ ସେ ନିଜ କେଶର ଚୁଟି ଭିତରୁ ଗୋଟିଏ ପତ୍ର କାଢ଼ି ଆମକୁ ପ୍ରଦାନ କଲେ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ତାହାକୁ ନେଇ ଆମେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲୁ । ପତ୍ର ଖୋଲି ପଢ଼ିବାରୁ ଜଣାପଡ଼ିଲା ଯେ ତାହା ହଜ୍‌ରତ୍ ହାକିବ୍ ବିନ୍ ଅବି ବଲ୍‌କାଙ୍କ ତରଫରୁ ଅମାନ୍ୟକାରୀ ମକ୍କାବାସୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ଯେଉଁଥିରେ ହଜୁର ସ:ଆ:ସଙ୍କର ଏକ ନିଷ୍ପତିର ଖବର ଉଲ୍ଲେଖ ରହିଥିଲା ଯାହାକୁ ହାତିବ ବିନ୍ ଅବି ବଲତଆ କିଛଇ ମୁଶ୍‌ରିକ୍‌ମାନଙ୍କ୍ ନିକଟକୁ ଲେଖାଯାଇଥିଲା । ହଜୁର ସ:ଆ:ସ ହାତିବ୍‌ଙ୍କୁ କହିଲେ ତୁମେ ଏ କଣ କଲ ? ସେ କହିଲେ ହଜୁର ମୋ ସମ୍ବନ୍ଧରେ ନିଷ୍ପତି ନେବାକୁ ଶିଘ୍ର କରନ୍ତୁ ନାହିଁ ମୁଁ କୁରୈଶ୍ ସହ ସମ୍ପର୍କ ରଖୁନାହିଁ । କିନ୍ତୁ ସେମାନଙ୍କ ମଧ୍ୟରେ ସାମିଲ ଅଛି ତେଣୁ ମୁଁ ଚିନ୍ତା କଲି କି ତାଙ୍କ ଉପରେ ଏକ ଉପକାର କରିଦିଏ । ଏହି କାର୍ଯ୍ୟ ମୁଁ ଅମାନ୍ୟକାରୀ ହୋଇ ଅବା ଇସ୍‌ଲାମ୍‌କୁ ଅପସନ୍ଦ କରି କରିନାହିଁ କେବଳ ସେମାନଙ୍କ ଉପରେ ଏକ ଉପକାର କରିବାକୁ ଚାହିଁ କରିଛି, ଏହା ଶୁଣି ହଜୁର ସ:ଆ:ସ କହିଲେ ତୁମେ ସତ କହିଛ ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଭୀଷଣ ଉତ୍ୟକ୍ତ ହୋଇ ଉଠିଥିଲେ ଏବଂ ହଜୁର ସ:ଆ:ସଙ୍କୁ କହିଲେ ମତେ ଅନୁମତି ପ୍ରଦାନ କରନ୍ତୁ ମୁଁ ଏହି କପଟି ଲୋକର ଶିର ଛେଦ କରିଦେବି, ହଜୁର ସ:ଆ:ସ କହିଲେ ଏ ବଦର ଯୁଦ୍ଧରେ ଆମ ସହିତ ସାମିଲ ଥିଲେ ଏବଂ ତୁମକୁ କଣ ଜଣାଅଛି ଯେ, ଅଲ୍ଲାଃ ବଦରରେ ଅଂଶଗ୍ରହଣ କରିଥିବା ସାହାବିମାନଙ୍କୁ ଆକାଶରୁ ଝାଙ୍କି ଏହା କହିଛନ୍ତି ଯେ, ତୁମେ ଯାହା ଇଚ୍ଛାକରୁଛ କର ମୁଁ ତୁମମାନଙ୍କୁ କ୍ଷମା କରିସାରିଛି । ଅର୍ଥାତ ଅଲ୍ଲାଃଙ୍କର ବଦର ଯୁଦ୍ଧରେ ଅଂଶଗ୍ରହଣକାରୀଙ୍କ ପକ୍ଷରେ ଦୟାପରବେଶ ଥିଲା । ***(ମସ୍‌ନଦ୍ ଅହ୍‌ମଦ ବିନ୍ ହମ୍ବଲ, ଖଣ୍ଡ-, ପୃ-୨୫୧.... ହଦିସ୍-୬୦୦...... ବେରୁତ ୧୯୯୮) (ଫର୍‌ହଙ୍ଗ ସିରତ୍....... ଲେଖକ ସୟଦ ଅମିରୁଲ୍ ରହ୍‌ମାନ୍, ପୃ-୧୩୬)***

ଯେତେବେଳେ ହଜୁର ସ:ଆ:ସ ମକ୍କା ବିଜୟ ଲାଭ କଲେ, ସେତେବେଳେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ସୈନ୍ୟଦଳର ବାମପାର୍ଶ୍ୱରେ ଥିଲେ ଏବଂ ହଜ୍‌ରତ୍ ମିକ୍‌ଦାଦ୍ ବିନ୍ ଅସ୍ୱଦ ର:ଅ ସୈନ୍ୟଦଳର ଦକ୍ଷିଣ ପାର୍ଶ୍ୱରେ ନିୟୋଜିତ ଥିଲେ । ହଜୁର ସ:ଆ:ସ ମକ୍କାରେ ପ୍ରବେଶ କଲେ ଏବଂ ଲୋକମାନେ ଶାନ୍ତ ହୋଇଗଲେ ସେତେବେଳେ ଉଭୟ ଅର୍ଥାତ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଓ ହଜ୍‌ରତ୍ ମିକ୍‌ଦାଦ୍ ବିନ୍ ଅସ୍ୱଦ ର:ଅ ନିଜ ଅଶ୍ୱ ଉପରେ ଚଢ଼ି ଆସିଲେ । ରସୁଲୁଲ୍ଲାଃ ସ:ଆ:ସ ଛିଡ଼ା ହୋଇ ସେମାନଙ୍କ ମୁଖମଣ୍ଡଳରେ ଲାଗି ରହିଥିବା ଧୂଳିକୁ ପରିଷ୍କାର କଲେ ଏବଂ କହିଲେ, ମୋ ଘୋଡ଼ା ପାଇଁ ଦୁଇଟି ଅଂଶ ଏବଂ ଅଶ୍ୱାରୋହୀ ପାଇଁ ଏକମାତ୍ର ଅଂଶ ଧାର୍ଯ୍ୟ କରିଛି ତେଣୁ ଯେଉଁ ବ୍ୟକ୍ତି ଏମାନଙ୍କୁ କମ୍ ଦେବ ଅର୍ଥାତ ଏହି ଧାର୍ଯ୍ୟରୁ କମ୍ ଦେବ ଅଲ୍ଲାଃ ତାଲା ସେମାନଙ୍କୁ କମ୍ କରି ଦେବ । ଅତଃ କମ୍ ଫଳ ପ୍ରଦାନ କରିବ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୭୭........... ବେରୁତ ୧୯୯୦)***

ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅ କୁହନ୍ତି ଯେ, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ଏକ ଘଟଣା ବର୍ଣ୍ଣନା କରି କୁହନ୍ତି ହଜୁର ସ:ଆ:ସ ଯେତେବେଳେ ହୁବୁଲ୍ ନାମକ ମୃର୍ତି (ପିତୁଳା) ଉପରେ ନିଜ ବାଡ଼ି ପ୍ରୟୋଗ କଲେ, ତାହା ନିଜ ସ୍ଥାନରୁ ଖସି ତଳେ ପଡ଼ିଗଲା, ସେତେବେଳେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଅବୁ ସୁଫିୟାନ୍ ଆଡ଼କୁ ସ୍ମିତହାସ୍ୟ ପ୍ରକାଶ କରି କହିଥିଲେ ଯେ ଅବୁ ସୁଫିୟାନ୍ ମନେ ଅଛି ଓ୍ୱହଦ୍ ଯୁଦ୍ଧ ଦିନ ଯେତେବେଳେ ମୁସଲମାନମାନେ ଗମ୍ଭୀରରୂପେ ଆହତ ହୋଇ ଏକ ପାର୍ଶ୍ୱରେ ଛିଡ଼ା ହୋଇଥିଲେ ସେତେବେଳେ ତୁମେ ନିଜର ଗର୍ବ ଓ ଅହଙ୍କାର ଭାବ ପ୍ରଦର୍ଶନ କରି ଘୋଷଣା କରିଥିଲି ଯେ ଉଲୁଲ୍ ହୁବୁଲ୍ ଉଲୁଲ୍ ହୁବୁଲ୍ ଅର୍ଥାତ ହୁବୁଲ୍ ଠାକୁରଙ୍କ ଗାରିମା ଉଚ୍ଚତର ହେଉ ବା ଜୟ ହେଉ ଏହି ହୁବୁଲ୍ ଦେବତା ହିଁ ଓ୍ୱହଦ ଯୁଦ୍ଧ ଦିନ ତୁମକୁ ବିଜୟ ଲାଭ କରିଥିଲା ପରା । ଦେଖ ଆଜି ତା'ର ଅବସ୍ଥା କଣ ହୋଇଛି, ସେହି ମୃର୍ତିର ଖଣ୍ଡବିଖଣ୍ଡିତ ଅଂଶ ତୁମ ନିକଟରେ ପଡ଼ିଛି ଅବୁ ସୁଫିୟାନ କହିଲା ଜୁବୈର୍ ସେ କଥା ଗୁଡ଼ିକ ଛାଡ଼ ଆଜି ଆମେମାନେ ଭଲଭାବରେ ଦେଖିନେଇଛୁ ଯେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ପ୍ରଭୁଙ୍କ ବ୍ୟତିତ ଅନ୍ୟ କୌଣସି ଦେବାଦେବୀ ନାହାନ୍ତି ଯଦି ଥାଆନ୍ତେ ତେବେ ଆଜି ଆମେ ଯାହା କିଛିବି ଅବଲୋକନ କରିଛୁ ଏପରି କଦାପି ହୋଇନାଥାନ୍ତା ବରଂ ସେହି ଭଗବାନ ଯିଏ ହଜୁର ସ:ଆ:ସଙ୍କର ଭଗବାନ ଅଟେ ସେ ହିଁ ସତ୍ୟ । ***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍..... ଖଣ୍ଡ-୨୦, ପୃ-୩୪୬-୩୪୭)***

ହୁନେନ୍ ଯୁଦ୍ଧ ଦିନ ହୱାଜିନ୍ ସମ୍ପ୍ରଦାୟର ଅନାସତିତ ଧନୁତୀର ପ୍ରୟୋଗ ଯୋଗୁଁ ଏବଂ ଏହି କାରଣରୁ ଯେ, ଆଜି ଇସ୍‌ଲାମୀୟ ସୈନ୍ୟଦଳର ୨୦୦୦ ନବାଗତ ମୁସଲମାନମାନେ ମଧ୍ୟ ସାମିଲ ଥିଲେ, ଏହା ସତ୍ୱେ ବି ଏମିତି ଏକ ପରିସ୍ଥିତି ସୃଷ୍ଟି ହୋଇଥିଲା ଯେ, ହଜୁର ସ:ଆ:ସ ରଣଭୂମିରେ ଏକୁଟିଆ ରହିଯାଇଥିଲେ । ହଜ୍‌ରତ୍ ଅବ୍‌ବାସ ର:ଅ ହଜୁର ସ:ଆ:ସଙ୍କ ଗଧର ଲଗାମ ଧରିଥିଲେ, ଅବିଶ୍ୱାସକାରୀଙ୍କ ଦଳପତି ମାଲିକ୍ ବିନ୍ ଅଓଫ୍ ଏକ ଉପତ୍ୟାକାରେ ଅଶ୍ୱାରୋହୀଙ୍କ ସହ ଛିଡ଼ା ହୋଇଥିଲେ । ସେ ଦେଖିଲା ଯେ କେତେକ ଅଶ୍ୱାରୋହୀମାନେ ଦୃଶ୍ୟମାନ ହୋଇଛନ୍ତି, ମାଲିକ୍ ବିନ୍ ଅଓଫ୍ ପଚାରିଲେ ଏମାନେ କିଏ ? ତା'ର ସାଥିମାନେ ଉତର ଦେଲେ ଏ କିଛି ଲୋକ ଜଣାପଡୁଛନ୍ତି ଯେଉଁମାନେ ନିଜର ବର୍ଛାଗୁଡ଼ିକୁ ଘୋଡ଼ାମାନଙ୍କ କାନ ଉପରେ ରଖିଛନ୍ତି । ସେ କହିଲା ଏମାନେ ବନୁ ଅସ୍‌ଲମ୍ ଜଣାପଡୁଛନ୍ତି, ଏମାନଙ୍କଠାରୁ ତୁମକୁ କୌଣସି ବିପଦ ନାହିଁ ସୁତରାଂ ସେମାନେ ଆସିଲେ ଏବଂ ଉପତ୍ୟାକା ଆଡ଼କୁ ଚାଲିଗଲେ । ପୁନଶ୍ଚ ଦେଖିଲା ଯେ, ଆଉ ଏକ ସୈନ୍ୟଗୋଷ୍ଠୀ ଦୃଶ୍ୟମାନ ହେଲେ, ମାଲିକ୍ ପଚାରିଲେ ଯେ କଣ ଦେଖୁଛ, ସେ କହିଲା କିଛି ଲୋକ ଅଛନ୍ତି ଯେଉଁମାନେ ହାତରେ ବର୍ଛା ଧରିଛନ୍ତି । ସେ କହିଲେ, ଏମାନେ ହେଉଛନ୍ତି ଅଓସ୍ ଏବଂ ଖଜ୍‌ରଜ୍ ସମ୍ପ୍ରଦାୟର ଲୋକେ ସେମାନଙ୍କଠାରୁ ତୁମର କୌଣସି ପ୍ରକାର ବିପଦ ନାହିଁ । ସେମାନେ ମଧ୍ୟ ଯେତେବେଳେ ଉପତ୍ୟାକାର ନିକଟବର୍ତୀ ହେଲେ ସେତେବେଳେ ବନୁ ସୁଲେମ୍ ପରି ଜନବସିତ ଅଂଚଳ ଆଡ଼କୁ ସେ ଅଗ୍ରସର ହୋଇଗଲେ । ପୁନଶ୍ଚ ଆଉ ଏକ ଅଶ୍ୱାରୋହୀମାନେ ଦୃଶ୍ୟମାନ ହେଲେ, ମାଲିକ ନିଜର ସାଥିମାନଙ୍କୁ ପଚାରିଲେ ତୁମେ କଣ ଦେଖୁଛ, ସେମାନେ ଉତର ଦେଲେ ଯେ ଜଣେ ଉଚ୍ଚତା ସମ୍ପର୍ଣ୍ଣ ଅଶ୍ୱାରୋହୀ କାନ୍ଧ ଉପରେ ବର୍ଛା ରଖିଛି ମୁଣ୍ଡ ଉପରେ ପଗଡ଼ି ଭିଡ଼ିଛି । ମାଲିକ କହିଲେ ଏ ତ ଜୁବୈର୍ ବିନ୍ ଅୱାମ୍ ମୁଁ ଲାତ୍ ଠାକରୁଙ୍କ ଶପଥ କରି କହୁଛି ତା'ର ତୁମ ସହିତ ମୁହାଁମୁହିଁ ହେବ, ବର୍ତମାନ ନିଜକୁ ଏଥିପାଇଁ ପ୍ରସ୍ତୁତ କରିନିଅ । ଯେତେବେଳେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଘାଟିରେ ପହଂଚିଲେ, ସେତେବେଳେ ଅଶ୍ୱାରୋହୀମାନେ ସେମାନଙ୍କୁ ଦେଖିଲେ ଏବଂ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଅବିଚଳ ଚଟାଣ ପରି ନିଜ ସ୍ଥାନରେ ଅଟଳ ରହିଲେ ଏବଂ ସେମାନଙ୍କ ଉପରେ ଏଭଳି ଅତର୍କିତ ଭାବରେ ଆକ୍ରମଣ କଲେ କି ସେହି ଅବିଶ୍ୱାସକାରୀମାନଙ୍କ ଦଳପତିଙ୍କ ଦ୍ୱାରା ପରିପୁର୍ଣ୍ଣ ଉପତ୍ୟାକାଟି ଜନଶୂନ୍ୟ ହୋଇପଡ଼ିଥିଲା ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୫୩-୫୩) (ସିରତୁନ୍ ନବୱିୟା....... ଖଣ୍ଡ-୨, ପୃ-୪୫୬ ମିସର୍ ୧୯୫୫***

ଉର୍‌ୱା ନିଜ ପିତାଙ୍କଠାରୁ ବର୍ଣ୍ଣନା କରୁଛନ୍ତି କି, ୟର୍‌ମୁକ ଯୁଦ୍ଧ ସମୟରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବାମାନେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କୁ କହିଲେ ଯେ ଆପଣ ଆକ୍ରମଣ କରିବେନାହିଁ କି ? ଆମେମାନେ ତ ଆପଣଙ୍କ ସହିତ ଆକ୍ରମଣ କରିବାକୁ ଇଚ୍ଛୁକ, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ କହିଲେ ଯଦି ମୁଁ ଆକ୍ରମଣ କରେ ତେବେ ତୁମେମାନେ ପଛେଇ ଯିବ ସେମାନେ କହିଲେ ଆମେମାନେ ପଛେଇବୁ ନାହିଁ । ସୁତରାଂ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଅବିଶ୍ୱାସକାରୀମାନଙ୍କ ଉପରେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରି ଆକ୍ରମଣ କଲେ ଏବଂ ସେହି ଅବିଶ୍ୱାସକାରୀମାନଙ୍କ ଧାଡ଼ିକୁ ଭେଦ କରି ଆଗକୁ ବାହାରିଗଲେ । ସେ ଦେଖିଲେ ତାଙ୍କ ସହିତ ଅନ୍ୟ କୌଣସି ସାହାବା ନାହାନ୍ତି ଅର୍ଥାତ ତାଙ୍କ ଆଖପାଖରେ କୌଣସି ସାହାବା ନଥିଲେ । ସୁତରାଂ ଯେତେବେଳେ ସେ ପ୍ରତ୍ୟାବର୍ତନ କଲେ ସେତେବେଳେ ଅବିଶ୍ୱାସକାରୀମାନେ ତାଙ୍କ ଅଶ୍ୱର ଲଗାମକୁ ଧରି ପକାଇଲେ ଏବଂ ଖଡ୍ଗ ସାହାଯ୍ୟରେ ଆକ୍ରମଣ କରି ତାଙ୍କ କାନ୍ଧ ଉପରେ ଦୁଇଟି ଚୋଟ ମାରିଲେ ଯାହା ଫଳରେ ତାଙ୍କ କାନ୍ଧ କ୍ଷତାକ୍ତ ହୋଇଯାଇଥିଲା ସେଥିରେ ବଦର ଯୁଦ୍ଧରେ ହୋଇଥିବା ବଡ଼ କ୍ଷତଟି ମଧ୍ୟ ଥିଲା । ଉରୱା କୁହନ୍ତି ଯେ ମୁଁ ନିଜର ହାତକୁ ତାଙ୍କର ସେହି କ୍ଷତ ଭିତରେ ପୂରାଇ ଖେଳୁଥିଲି ଏବଂ ମୁଁ ସେତେବେଳେ ଛୋଟ ପିଲା ଥିଲି । ହଜ୍‌ରତ୍ ଉର୍‌ୱା ର:ଅ କୁହନ୍ତି ସେହି ଦିନମାନଙ୍କରେ ୟରମୁକ ଯୁଦ୍ଧରେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ସହିତ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ମଧ୍ୟ ଥିଲେ ଓ ସେତେବେଳେ ତାଙ୍କୁ ଦଶବର୍ଷ ବୟସ ହୋଇଥିଲା । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଅଶ୍ୱ ଉପରେ ଆରୋହଣ କରି ତାଙ୍କୁ ନେଇଯାଇଥିଲେ ଏବଂ ତାଙ୍କ ସୁରକ୍ଷା ଲାଗି ଜଣେ ବ୍ୟକ୍ତିକୁ ମୁତୟନ କରିଥିଲେ ।

***(ସହି ବୁଖାରୀ........ ହଦିସ୍ ୩୯୭୫)***

ସିରିୟା ବିଜୟ ପରେ ହଜ୍‌ରତ୍ ଉମର୍ ବିନ୍ ଆସ ର:ଅଙ୍କ ନେତୃତ୍ୱରେ ମିଶର ଉପରେ ଯେତେବେଳେ ଆକ୍ରମଣ କରାଯାଇଥିଲା ସେତେବେଳେ ମୁସଲମାନମାନେ ଫୁସ୍‌ତାତେ ମିଶରର ବିଜେତା ହଜ୍‌ରତ୍ ଉମର୍ ବିନ୍ ଆସ ଇସ୍‌କନ୍ଦରିୟା ଉପରେ ଆକ୍ରମଣ କରିବାର ଯୋଜନା କରିଥିଲେ ତେବେ ସ୍କେନ୍ଦରିଆର ସମୁଦ୍ରର ଦକ୍ଷିଣ ତଟବର୍ତୀ ଭାଗରେ ଶିବିର ତିଆରି କରାଯାଇଥିଲା ତେଣୁ ତାହାକୁ ଫୁସ୍‌ତାତ୍ କୁହନ୍ତି । ସେହି ସ୍ଥାନରେ ପରବର୍ତୀ ପ୍ରଯ୍ୟାୟରେ ଏକ ସହର ଗଢ଼ି ଉଠିଥିଲା ଏବଂ ସେହି ସହରର ନୂତନ ଭାଗଟି ଆଜି କାହିରା ସ୍ଥାନକୁ ବୁଝାଏ ଅର୍ଥାତ କାହିରା ନାମରେ ପ୍ରଶିଦ୍ଧ, ସେ ସେହି ଦୁର୍ଗକୁ ମୁସଲମାନମାନେ ଘେରାଉ କରିଥିଲେ ଯେତେବେଳେ ସେ ଦୁର୍ଗର କଠିନତା ଓ ସୈନ୍ୟର ନିମ୍ନତାକୁ ଦେଖିଲେ ସେତେବେଳେ ହଜ୍‌ରତ୍ ଉମର୍ ବିନ୍ ଆସ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ କମକ୍ ନାମକ ସ୍ଥାନକୁ ପ୍ରେରଣ କରିବାପାଇଁ ଆଗ୍ରହ ପ୍ରକାଶ କଲେ । ହଜ୍‌ରତ୍ ଉମର୍ ର:ଅ ଦଶହଜାର ସୈନ୍ୟ ଓ ଚାରିଜଣ ଅଫିସର ପ୍ରେରଣ କରିଥିଲେ । ସେ କହିଲେ ଯେ, ସେହି ଅଫିସରମାନଙ୍କ ମଧ୍ୟରୁ ପ୍ରତ୍ୟେକ ଅଫିସର ହେଉଛନ୍ତି ଏକ ହଜାର ସଦୃଶ ସେହି ଅଫିସରମାନଙ୍କ ମଧ୍ୟରେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ମଧ୍ୟ ଜଣେ ଥିଲେ । ଯେତେବେଳେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ସେଠାରେ ପହଂଚିଲେ ସେତେବେଳେ ଉମର୍ ବିନ୍ ଆସ ର:ଅ ଘେରାଉର

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family, Jamat Ahmadiyya, Kerang (Odisha)*

ସମସ୍ତ ବ୍ୟବସ୍ଥା ଦାୟିତ୍ୱ ତାଙ୍କୁ ହସ୍ତାନ୍ତର କରିଥିଲେ । ସେ ଅଶ୍ୱ ଉପରେ ଆରୋହଣ ହୋଇ ଦୁର୍ଗ ଚାରିପାଖେ ପରିକ୍ରମା କଲେ ଏବଂ ସୈନ୍ୟଦଳକୁ ବ୍ୟବସ୍ଥିତ କଲେ । ଅଶ୍ୱାରୋହୀ ମାନଙ୍କୁ ଓ ପଦାତିକମାନଙ୍କୁ ବିଭିନ୍ନ ସ୍ଥାନରେ ମୃତୟନ କଲେ ପଥର ଫିଙ୍ଗିବା ଯନ୍ତ୍ର ସାହାଯ୍ୟରେ ପଥର ଫିଙ୍ଗିବା ଆରମ୍ଭ କରିଦେଲେ, ସାତମାସ ପର୍ଯ୍ୟନ୍ତ ଘେରାଉ ବଳବତର ରହିଥିଲା । ଜୟ ଓ ପରାଜୟର କୌଣସି ଫଳାଫଳ ନିର୍ଣ୍ଣୟ ହୋଇପାରିନଥିଲା । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଦିନେ କହିବାକୁ ଲାଗିଲେ ଯେ ଆଜି ମୁଁ ମୁସଲମାନମାନଙ୍କ ପାଇଁ ଉର୍ସ୍ଗୀ ହେଉଛି । ଏହା କହି ସେ ଖଡ୍ଗ ଉତଳନ କଲେ ଏବଂ ସିଢ଼ି ଲଗାଇ କାନ୍ଥ ଉପରେ ଚଢ଼ିଗଲେ ତାଙ୍କୁ ଚଢ଼ିବାରେ ଅନ୍ୟ କେତେକ ସାହାବାମାନେ ମଧ୍ୟ ସାହାଯ୍ୟ କରିଥିଲେ କାନ୍ଥ ଉପରେ ପହଂଚି ସମସ୍ତେ ଏକ ସ୍ୱରରେ ତକ୍‌ବିର୍ ଏବଂ ସ୍ଲୋଗାନ ଦେଲେ ତଥା ଏଥିସହ ସମସ୍ତ ସୈନ୍ୟମାନେ ଖୁବ୍ ଜୋର୍‌ରେ ସ୍ୱର ଉତଳନ କଲେ । ଦୁର୍ଗର ଭୁମି ଦୋହଲି ଯାଇଥିଲା, ଖ୍ରୀଷ୍ଟିୟାନମାନେ ଭାବିଲେ ଯେ ମୁସଲମାନମାନେ ଦୁର୍ଗ ଭିତରକୁ ପ୍ରବେଶ କରିଯାଇଛନ୍ତି, ସେମାନେ ହତବୁଦ୍ଧି ଓ ସ୍ତବ୍ଧ ହୋଇ ସେଠାରୁ ପଳାୟନ କରିଥିଲେ । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ଦୁର୍ଗର କାନ୍ଥକୁ ଓହ୍ଲାଇ ଦୁର୍ଗର ମୁଖକୁ ଉନ୍ମୁକ୍ତ କରିଦେଇଥିଲେ ଏବଂ ଏହାପରେ ସମସ୍ତ ସୈନ୍ୟଦଳ ଦୁର୍ଗ ଭିତରକୁ ପ୍ରବେଶ କରିଯାଇଥିଲେ ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୫୪-୫୫) (ମୁଅଜମୁଲ୍ ବୁଲ୍‌ଦାନ ପୃ-୨୫୯.... ଲାହୋର୍ ୨୦୧୩)***

ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ମୃତ୍ୟୁବେଳେ ଖିଲାଫତ କମିଟିର ସଦସ୍ୟ ମନୋନୀତ ଏବଂ ମୃତ୍ୟୁ ପରେ ଖିଲାଫତର ଚୟନର ଘଟଣା ବୁଖାରୀରେ ଉଲ୍ଲେଖ ରହିଛି ଯେ, ତାହା ଏହିପରି କି ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ମୃତ୍ୟୁସମୟ ପାଖେଇ ଆସିଲା ସେତେବେଳେ ଲୋକମାନେ ଆପଣଙ୍କୁ କହିଲେ ଯେ, ହେ ଅମିରୁଲ୍ ମୁମିନିନ୍ ଆପଣ ଓ୍ୱସିୟତ କରିଦିଅନ୍ତୁ ଯେ, ଆପଣଙ୍କ ପରେ ପରବର୍ତୀ ଖଲିଫା କିଏ ହେବେ ? ସେ କହିଲେ ମୁଁ ଖିଲାଫତ୍ ନିମନ୍ତେ କିଛି ବ୍ୟକ୍ତିଙ୍କୁ ଛାଡ଼ି ଅନ୍ୟ କୌଣସି ବ୍ୟକ୍ତିକୁ ଏଥିନିମନ୍ତେ ଯୋଗ୍ୟ ପାର୍ଥୀ ଭାବରେ ବିବେଚିତ କରୁନାହିଁ । କାରଣ ରସୁଲୁଲ୍ଲାଃ ସ:ଆ:ସ ଏଭଳି ଅବସ୍ଥାରେ ଏବଂ ଏଭଳି ପରିସ୍ଥିତିରେ ଇହଧାମ ତ୍ୟାଗ କଲେ, ସେ ହଜୁର ସ:ଆ:ସ ସେହି ସାହାବାମାନଙ୍କ ଉପରେ ପ୍ରସନ୍ନିତ ଥିଲେ, ସେମାନେ ହେଲେ ହଜ୍‌ରତ୍ ଅଲୀ, ହଜ୍‌ରତ୍ ଉସ୍‌ମାନ୍, ହଜ୍‌ରତ୍ ଜୁବୈର, ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ସାଆଦ୍, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଏବଂ କହିଲେ ଯେ, ଅବ୍‌ଦୁଲ୍ଲାଃ ବିନ୍ ଉମର୍ ତୁମ ସହିତ ସାମିଲ ଥିବ ଏବଂ ଖିଲାଫତର ତା'ର କୌଣସି ଭାଗିଦାର ରହିବ ନାହିଁ ଏବଂ ପୁନଶ୍ଚ କହିଲେ ଯଦି ଖିଲାଫତ ହଜ୍‌ରତ୍ ସାଆଦ୍ ର:ଅଙ୍କୁ ପ୍ରାପ୍ତ ହୁଏ ତେବେ ଠିକ୍ ଅନ୍ୟଥା ଯିଏ ବି ତୁମମାନଙ୍କ ଭିତରୁ ଖଲିଫା ହୁଅନ୍ତି ତେବେ ସେ ହଜ୍‌ରତ୍ ସାଆଦ୍ ର:ଅଙ୍କଠାରୁ ସାହାଯ୍ୟ ଲୋଡ଼ିବେ ଅର୍ଥାତ ତାଙ୍କର ପରାମର୍ଶ ନେବେ କାରଣ ମୁଁ ଏଥିପାଇଁ ତାଙ୍କୁ ପଦଚ୍ୟୁତ କରିନାହିଁ ଯେ ସେ କୌଣସି କାର୍ଯ୍ୟ କରିବାରେ ଅସମର୍ଥ ବା ଅକ୍ଷମ ଥିଲେ ଓ ନା ସେ ବିଶ୍ୱାସଘାତକତା କରିଥିଲେ ସେହିପରି ସେ କହିଲେ ଯେ ମୁଁ ସେହି ଖଲିଫାଙ୍କୁ ଯିଏ ମୋ ପରେ ଖଲିଫା ହେବେ, ପ୍ରଥମେ ହିଜ୍‌ରତ୍‌କାରୀଙ୍କ ସମ୍ପର୍କରେ ଓ୍ୱସିୟତ କରୁଛି ଯେ, ସେମାନେ ତାଙ୍କର ଅଧିକାରୀ ପ୍ରତି ସଚେତିତ ହୁଅନ୍ତୁ ଏବଂ ତାଙ୍କ ଆତ୍ମସମ୍ମାନ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ତତ୍‌ସହିତ ମୁଁ ଅନ୍‌ସାରମାନଙ୍କ ସମ୍ପର୍କରେ ମଧ୍ୟ ସତ୍‌ବ୍ୟବହାର କରିବାପାଇଁ ଓ୍ୱସିୟତ କରୁଛି । କାରଣ ସେମାନେ ହିଜ୍‌ରତ୍‌କାରୀଙ୍କ ପୂର୍ବରୁ ନିଜ ଘରେ ବିଶ୍ୱାସକୁ ପ୍ରଶୟ ଦେଇଥିଲେ ତେଣୁ ସେମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ପୂଣ୍ୟକର୍ମ କରୁଥିବେ ସେହି ବ୍ୟକ୍ତିକୁ ଗ୍ରହଣ କରାଯାଉ ଏବଂ ଯିଏ ଏମାନଙ୍କ ମଧ୍ୟରୁ ଦୋଷୀ ସାବ୍ୟସ୍ତ ହୁଏ ତେବେ ତାହାକୁ କ୍ଷମା ପ୍ରଦାନ କରିଦିଆଯାଉ ଏବଂ ମୁଁ ସେହି ବ୍ୟକ୍ତିକୁ ସମସ୍ତ ସହରବାସୀଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିବାକୁ ତାଗିଦ୍ କରୁଛି କାରଣ ସେମାନେ ଇସ୍‌ଲାମ୍‌ର ପୃଷ୍ଠ ପୋଷକତା କରିଥିଲେ ଏବଂ ଅର୍ଥ ସଂଗ୍ରାହକ ଥିଲେ । ଶତୃଙ୍କ ପାଇଁ ଅପ୍ରସନ୍ନର କାରଣ ସାବ୍ୟସ୍ତ ହୋଇଥିଲେ ଓ ଯାହା ସେମାନଙ୍କର ଆବଶ୍ୟକତା ପରେ ବଳିପଡୁଥିଲା ବା ଅବଶିଷ୍ଟ ରହୁଥିଲା ତାଙ୍କରି ସହମତି କ୍ରମେ ତାହା ହିଁ ପରବର୍ତୀ ପଦକ୍ଷେପ ଗ୍ରହଣ କରାଯାଉ । ମୁଁ ତାଙ୍କୁ ଗାଉଁଲି ଆରବୀୟମାନଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିବାପାଇଁ ମଧ୍ୟ ଓ୍ୱସିୟତ କରୁଅଛି କାରଣ ସେ ହେଉଛନ୍ତି ଆରବୀୟମାନଙ୍କ ମୂଳ ଓ ଇସ୍‌ଲାମ୍‌ର ତତ୍ୱ, ତାଙ୍କର ଏପରି ଧନରୁ ନିଆଯାଉ ଯାହା ତାଙ୍କ ଉପଯୋଗୀ ହୋଇନଥିବ ଓ ପୂନଶ୍ଚ ସେମାନଙ୍କ ମଧ୍ୟରେ ଥିବା ଅଭାବି ବ୍ୟକ୍ତିଙ୍କୁ ଦିଆଯାଉ ଏବଂ ମୁଁ ତାହାଙ୍କୁ ଅଲ୍ଲାଃଙ୍କ ଏବଂ ତାହାଙ୍କ ବାର୍ତାବହକଙ୍କୁ ହସ୍ତାନ୍ତର କରୁଛି ଯେ ଯେଉଁ ଲୋକମାନଙ୍କଠାରୁ ଶପଥ ନିଆଯାଇଛି ସେମାନଙ୍କର ଶପଥ ସେମାନଙ୍କ ପାଇଁ ପୂର୍ଣ୍ଣ କରାଯାଉ ଏବଂ ସେମାନଙ୍କ ସୁରକ୍ଷା ପାଇଁ ସେମାନଙ୍କ ସହିତ ପ୍ରତିରକ୍ଷା କରାଯାଉ ଏବଂ ସେମାନଙ୍କଠାରୁ ସେତିକି ହିଁ ନିଆଯାଉ ଯେତିକି ସେମାନଙ୍କ ନିକଟରେ ସାମର୍ଥ୍ୟ ଅଛି ।

ହଜ୍‌ରତ୍ ଉମର୍ ର:ଅଙ୍କ ଯେତେବେଳେ ବିୟୋଗ ଘଟିଲା ସେତେବେଳେ ତାଙ୍କର ଅନ୍ତେଷ୍ଟିକ୍ରୀୟା ସମାପ୍ତ କରିବାପରେ ଲୋକମାନେ ଏକତ୍ରିତ ହେଲେ । ହଜ୍‌ରତ୍ ଉମର୍ ର:ଅ ଯାହାଙ୍କର ନାମ ନେଇଥିଲେ ଅର୍ଥାତ ସେହି ଛଅଜଣ ବ୍ୟକ୍ତି । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କହିଲେ ଯେ ନିଜର ପ୍ରସଙ୍ଗକୁ ନିଜ ମଧ୍ୟରୁ ତିନିଜଣ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଦିଅ । ହଜ୍‌ରତ୍ ଜୁବୈର୍ ର:ଅ କହିଲେ ମୁଁ ନିଜର ଚୟନ କରିବାର ଅଧିକାର ହଜ୍‌ରତ୍ ଅଲୀ ର:ଅଙ୍କ ଉପରେ ପ୍ରଦାନ କଲି । ହଜ୍‌ରତ୍ ତଲ୍‌ହା ର:ଅ କହିଲେ ମୁଁ ନିଜର ଚୟନ କରିବାର ଅଧିକାର ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଦେଉଛି, ହଜ୍‌ରତ୍ ସାଆଦ୍ ର:ଅ କହିଲେ ମୁଁ ନିଜର ଚୟନ କରିବାର ଅଧିକାର ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ ଦେଉଛି । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍, ହଜ୍‌ରତ୍ ଅଲୀ ଓ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ କହିଲେ ଆପଣ ଦୁହିଁଙ୍କ ମଧ୍ୟରୁ ଯିଏ ବି ଉକ୍ତ କାର୍ଯ୍ୟରୁ ନିବୃତ ହେବ ଆମେମାନେ ତାହାଙ୍କ ସପକ୍ଷରେ ନିଜର ପ୍ରସଙ୍ଗକୁ ହସ୍ତାନ୍ତର କରିଦେବୁ ଏବଂ ସେ ହିଁ ଆମର ଅର୍ଥାତ ଅଲ୍ଲାଃ ତାଲା ଓ ଇସ୍‌ଲାମ୍‌ର ନିରିକ୍ଷକ ହେବେ । ସେ ଆପଣମାନଙ୍କ ମଧ୍ୟରୁ ସେହି ବ୍ୟକ୍ତିକୁ ହିଁ ମନୋନୀତ କରିବେ ଯିଏ ତାହାଙ୍କ ନିକଟରେ ସର୍ବୋତ୍କୃଷ୍ଟ ହୋଇଥିବେ । ଉକ୍ତ କଥା ଶୁଣି ଉଭୟ ବଦାନ୍ୟ ବ୍ୟକ୍ତି ନୀରବ ରହିଲେ । ହଜ୍‌ରତ୍ ଅବ୍‌ଦୁର ରହ୍‌ମାନ କୁହନ୍ତି ଆପଣମାନେ ସେହି ପ୍ରସଙ୍ଗକୁ ମତେ ହସ୍ତାନ୍ତର କରିଦେବେ କି ଏହା ଅଲ୍ଲାଃ ତାଲା ହିଁ ମୋର ନିରୀକ୍ଷକ ଆପଣମାନଙ୍କ ମଧ୍ୟରୁ ଯିଏ ବି ସର୍ବୋତମ ତାହାକୁ ମନୋନୀତ କରିବାରେ ମୁଁ କୌଣସି ପ୍ରକାର ଅସତ୍ ପନ୍ଥା ଅବଲମ୍ବନ କରିବିନାହିଁ । ଉଭୟ ସାହାବିମାନେ କହିଲେ ଠିକ୍ ଅଛି, ପୁନଶ୍ଚ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ ଅଓଫ୍ ସେହି ଦୁଇଜଣ ମଧ୍ୟରୁ ଜଣଙ୍କ ହାତ ଧରି ତାଙ୍କୁ ଭିନ୍ନ ସ୍ଥାନକୁ ନେଇଗଲେ ଏବଂ କହିବାକୁ ଲାଗିଲେ ଯେ ଆପଣ ହଜୁର ସ:ଆ:ସଙ୍କ ସହିତ ଏକ ବିଶେଷ ସମ୍ପର୍କ ରଖିଛନ୍ତି ଏବଂ ଇସ୍‌ଲାମ୍‌ରେ ମଧ୍ୟ ଆପଣଙ୍କର ସେହି ମର୍ଯ୍ୟାଦା ରହିଛି ଯାହା ଆପଣଙ୍କୁ ଭଲଭାବରେ ଜଣାଅଛି । ଅଲ୍ଲାଃ ତାଲା ହିଁ ଆପଣଙ୍କର ନିରୀକ୍ଷକ ଆପଣ କୁହନ୍ତୁ ଯେ ଯଦି ମୁଁ ଆପଣଙ୍କୁ ଅମୀର କରେ ତେବେ ଆପଣ ନ୍ୟାୟ କରିବେ କି ଏବଂ ମୁଁ ଯଦି ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଅମୀର କରେ ତେବେ କଣ ଆପଣ ତାଙ୍କର ଆଦେଶ ପାଳନ କରିବେ । ପୁନଶ୍ଚ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ ଅନ୍ୟଜଣଙ୍କୁ ଏକାନ୍ତକୁ ନେଇଗଲେ ଏବଂ ତାଙ୍କୁ ମଧ୍ୟ ସେହି ସମାନ କଥା କହିଥିଲେ । ଯେତେବେଳେ ସେ ଦୃଢ଼ ପ୍ରତିଶୃତି ନେଲେ ସେତେବେଳେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ କହିଲେ ଯେ ନିଜର ହାତ ଉଠାଅ ଏବଂ ତାଙ୍କର ବୟତ କଲେ । ହଜ୍‌ରତ୍ ଅଲୀ ର:ଅ ମଧ୍ୟ ତାଙ୍କର ବୟତ କରିନେଲେ, ଘର ଲୋକ ଭିତରକୁ ଆସିଲେ ଏବଂ ସେମାନେ ମଧ୍ୟ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହାତରେ ବୟତ କରିନେଲେ ।

***(ସହି ବୁଖାରୀ...... ହଦିସ୍ ୩୭୦୦)***

ସେ ଯାହା ହେଉ ନା କାହିଁକି ଏହି ବିବରଣୀଟି ମୁଁ କିଛି ଦିନ ପୂର୍ବେ ମଧ୍ୟ ବର୍ଣ୍ଣନା କରିସାରିଛି ଏବଂ ଏଠାରେ ମଧ୍ୟ ସେହି ସୁତ୍ରରୁ ବର୍ଣ୍ଣନା କରିଦେଲି । ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ଚର୍ଚ୍ଚା ଜାରି ରହିଛି ତାଙ୍କ ସମ୍ପର୍କୀତ ଜୀବନୀର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ବର୍ଣ୍ଣନା କରିବି ।

ବର୍ତମାନ ମୁଁ କେତେକ ମୃତକଙ୍କର ଯନାଜାଃ ପଢ଼ାଇବି । ତନ୍ମଧ୍ୟରୁ ପ୍ରଥମ ଯନାଜାଃ ହେଉଛି ସମ୍ମାନୀୟ ମିରାଜ୍ ଅହେମଦ୍ ଶହୀଦ ସାହେବଙ୍କର, ଯିଏ କି ସମ୍ମାନନୀୟ ମୁହମ୍ମଦ ଅହେମଦ୍ ସାହେବ୍ ଅଫ୍ ଦୁଗ୍‌ରି ଗାର୍ଡ଼େନ ଜିଲ୍ଲା ପେଶାୱର ପାକିସ୍ତାନଙ୍କର ପୁତ୍ର ଥିଲେ । ଅହେମଦୀୟା ବିରୋଧିମାନେ ତାଙ୍କୁ ଗତ ବାର ତାରିଖ ଦିନ ରାତ୍ରି ୯ ଘଟିକା ସମୟରେ ମେଡ଼ିକାଲ ଷ୍ଟୋର ଆଗରେ ଗୁଳିକରି ଶହୀଦ କରିଦେଲେ *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ।

ଏହାର ବିସ୍ତୃତ ବିବରଣୀ ଏପରି କି ସ୍ୱର୍ଗତ ମିରାଜ ସାହେବ ନିଜ ମେଡ଼ିକାଲ ଷ୍ଟୋରରୁ କାମ ସାରି ରାତି ୯ଟାରେ ଘରକୁ ଫେରୁଥିଲେ । ସେତିକିବେଳେ କିଛି ଅଜ୍ଞାତ ବ୍ୟକ୍ତି ଦୋକାନ ଆଗରେ ଗୁଳିକରି ଘଟଣାସ୍ଥଳରୁ ଫେରାର ହୋଇଗଲେ । ସ୍ୱର୍ଗତଙ୍କ ଶରୀରରେ ଚାରୋଟି ଗୁଳି ବାଜିଥିଲା ଯଦ୍ୱାରା ଘଟଣାସ୍ଥଳରେ ହିଁ ସେ ପ୍ରାଣ ହରାଇଥିଲେ । ସାହାଦତ୍ ବେଳେ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲେ । ଶହୀଦ ସ୍ୱର୍ଗତଙ୍କ ସୁପୁତ୍ର ୟାସିର୍ ଅହେମଦ୍ ଘଟଣାସ୍ଥଳରୁ କିଛି ମିନିଟ ପୂର୍ବେ ଷ୍ଟୋରରୁ ଘରକୁ ଚାଲିଯାଇଥିଲେ ଏବଂ ଶହୀଦଙ୍କ ମୋବାଇଲ ଫୋନରୁ ହିଁ ତାଙ୍କ ପୁତ୍ରଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା । ଯେତେବେଳେ ତାଙ୍କ ପୁତ୍ର ମେଡ଼ିକାଲ ଷ୍ଟୋରରେ ପହଂଚିଲେ ସେତେବେଳେ ତାଙ୍କ ପିତାଙ୍କର ମୃତ୍ୟୁ ଘଟିସାରିଥିଲା ।

ଶହୀଦଙ୍କ ବଂଶରେ ଅହେମଦୀୟତର ପ୍ରବେଶ ତାଙ୍କର ଦଦା (ଜେଜେ) ସମ୍ମାନୀୟ ସ୍ୱର୍ଗତ ଅହେମଦ୍ ଗୁଲ୍ ସାହେବ ଓ ତାଙ୍କର ଭ୍ରାତା ସମ୍ମାନୀୟ ସ୍ୱର୍ଗତ ଗୁଲ୍ ସାହେବଙ୍କ ମାଧ୍ୟମରେ ୧୯୧୨ ମସିହାରେ ଆସିଥିଲା । ଯିଏ କି ନିଜ ବଂଶର ଜଣେ ବିଖ୍ୟାତ କବି ମଧ୍ୟ ଥିଲେ ଏବଂ ସେହି ବଂଶର ସମ୍ପର୍କ ଶେଖ୍ ମୁହମ୍ମଦ ପିଶାୱରିଙ୍କ ସହିତ ଥିଲା ଅତଃ ଉକ୍ତ ବଂଶଟି ଅଣବୟତକାରୀଙ୍କ ସଂଶର୍ପରେ ରହିଥିଲା ଅର୍ଥାତ ଯେଉଁମାନେ ଲାହୋରି ଯମାତ ଅଟନ୍ତି, ତାଙ୍କ ସହିତ ଥିଲା । ଯେଉଁମାନେ ଯମାତ୍‌କୁ ଆମେମାନେ ପୈଗାମି ବୋଲି କହିଥାଉ ସେମାନଙ୍କ ସହିତ ମିଶିଯାଇଥିଲା । ସେମାନେ ଖିଲାଫତ୍‌ର ବୟତ କରିନଥିଲେ ସମ୍ମାନୀୟ ମିରାଜ୍ ସାହେବ ନିଜର ତିନିଭାଇଙ୍କ ସହିତ ୧୯୯୧ ମସିହାରେ ବୟତ କରି ଯମାତ୍ ଅହେମଦୀୟାର ପୂର୍ନବାର ସାମିଲ ହୋଇଥିଲେ । ଏହାପରେ ସାହାଦତ୍ ପର୍ଯ୍ୟନ୍ତ ତାଙ୍କ ସହିତ ମୁଖାଲିଫତ୍ ଜାରି ରହିଥିଲା

ତାଙ୍କ ନିକଟରେ କାର୍ଯ୍ୟରତ କର୍ମଚାରୀମାନେ ମଧ୍ୟ କେବଳ ଧାର୍ମିକ ବିଦ୍ୱେଷ କାରଣରୁ ତାଙ୍କ ନିକଟରେ କାମ କରିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ ଓ ପ୍ରସ୍ତୁତ ନଥିଲେ। ଶୋସିଆଲ୍ ମିଡ଼ିଆରେ ବିଗତ କିଛିଦିନ ଧରି ଘୋର ଶତୃତାମୂଳକ ଆନ୍ଦୋଳନ ଜାରି ରହିଥିଲା। ଯେଉଁ ଆନ୍ଦୋଳନରେ ତାହେର୍ ନସିମ୍‌ର ହତ୍ୟା କଥା ଉଠିଥିଲା ତେଣୁ ଏହାପରେ ବିରୋଧ ମଧ୍ୟ ବୃଦ୍ଧି ପାଇଥିଲା ଏବଂ ଏହି ଉଦ୍ଦେଶ୍ୟକୁ ଭିତିକରି ସମଗ୍ର ଅଂଚଳରେ ଏହି ଅନ୍ଦୋଳନକୁ ଜୋର୍‌ଦାର କରାଯାଇଥିଲା। ଇଦ୍ ପର୍ବପରେ କାଦିନିମାନଙ୍କ ବିରୋଧରେ ଆନ୍ଦୋଳନକୁ ଜୋରଦାର କରି ଉକ୍ତ ଅଂଚଳରୁ ଅହେମଦୀୟତର ମୂଳପ୍ରାଟନ କରିବାପାଇଁ ପ୍ରୟାସ ଜାରି ରହିଥିଲା। ପରବର୍ତୀ ଟାର୍ଗେଟରେ ତାଙ୍କରି ଅଂଚଳ ହିଁ ରହିଥିଲା ଯେଉଁଠାରେ ଶହୀଦ ଅବସ୍ଥାପିତ ଥିଲେ।

ଶହୀଦ ଜଣେ ଅସାଧାରଣ ଗୁଣାବଳୀର ଅଧିକାରି ଥିଲେ ନିୟମିତ ରୂପେ ଘରେ ସାମୁହିକ ନମାଜ ପାଠର ବ୍ୟବସ୍ଥା କରୁଥିଲେ, ଖିଲାଫତ୍ ସହିତ ଗଭୀର ଆନ୍ତରିକ ଭାବ ଥିଲା। ଏମ୍.ଟି.ଏ ଖୁତ୍‌ବା ଶୁଣିବାରେ ବିଶେଷ ରୂପେ ବ୍ୟବସ୍ଥା କରୁଥିଲେ। ଯମାତ୍ କାର୍ଯ୍ୟକ୍ରମରେ ସାମିଲ ହେବା ବ୍ୟତିତ ଅତିଥି ସତ୍କାର, ମାନବତା ପ୍ରତି ସହାନୁଭତି ଓ ଦରିଦ୍ର, ଅଭାବି ବ୍ୟକ୍ତିମାନଙ୍କର ସାହାଯ୍ୟ ସହଯୋଗ ଓ ଜଣେ ସ୍ପଷ୍ଟବାଦି ଓ ଦରଦି ବ୍ୟକ୍ତିତ୍ୱର ଅଧିକାରି ଥିଲେ। ଜଣେ ସ୍ପଷ୍ଟବାଦି ଦରଦି ବ୍ୟକ୍ତିତ୍ୱର ଅଧିକାରି ଥିଲେ। ସେ ଅଭାବି ବ୍ୟକ୍ତିଙ୍କୁ ନିଷ୍ଶୁଲ୍କ ଏବଂ ମାଗଣାରେ ଔଷଧ ବିତରଣ କରୁଥିଲେ। ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ତାଙ୍କର ସହାନୁଭୁତିମୂଳକ ସମ୍ପର୍କ ରହିଥିଲା। ଭାଇମାନଙ୍କ ପରିବାର ସହିତ ମଧ୍ୟ ପ୍ରେମମୟ ସମ୍ପର୍କ ରହିଥିଲା ଏବଂ ଭାଇମାନଙ୍କ ସହିତ ଏହି ସମ୍ପର୍କ ଅହମଦୀୟତ ଗ୍ରହଣ କରିବାପରେ ଆହୁରି ଅଧିକ ବଢ଼ିଯାଇଥିଲା। ଦାଓ୍ୱତେ ଇଲଲ୍ଲା କାର୍ଯ୍ୟ ପ୍ରତି ଆଗ୍ରହ ଅହେତୁକ ଭାବରେ ପୂରି ରହିଥିଲା ଏବଂ ଏଥିରେ ସେ ବହୁତ କାର୍ଯ୍ୟମଧ୍ୟ ସମ୍ପାଦନ କରିଥିଲେ। ତହ୍‌ରିକ୍ ଯଦିଦ୍‌ର ନୂତନ ଆର୍ଥିକ ବର୍ଷର ଘୋଷଣା ଅବସରରେ ଯେତେବେଳେ ପଦାଧିକାରୀମାନେ ତାଙ୍କ ନିକଟକୁ ଆସିଲେ ଓ ଆଗାମି ବର୍ଷର ଓ୍ୱାଦାପାଇଁ ପହଂଚିଲେ ସେତେବେଳେ ସେ ନିଜ ପକେଟରେ ହାତ ପୁରାଇଲେ ଓ ପକେଟରେ ଯେତେ ଟଙ୍କା ଥିଲା ସେହି ଟଙ୍କା ସେହି ବର୍ଷର ଚାନ୍ଦାରୂପେ ପଇଠ କରିଦେଇଥିଲେ। ତାଙ୍କର ସୁପୁତ୍ର ୟାସିର୍ ସାହେବ୍ ୨୦୧୨ ମସିହାରେ ଅଷ୍ଟ୍ରେଲିଆ ପ୍ରବାଶ କରିଯାଇଥିଲେ। ୨୦୧୩ ମସିହାରେ ସ୍ୱର୍ଗତ ଶହୀଦ ମିରାଜ ସାହେବ ମଧ୍ୟ ନିଜ ପୁତ୍ର ନିକଟକୁ ଚାଲିଯାଇଥିଲେ କିନ୍ତୁ ପୁନଶ୍ଚ ୨୦୧୪ ମସିହାରେ ନିଜ ପୁତ୍ରକୁ ଧରି ପାକିସ୍ତାନ ଫେରି ଆସିଥିଲେ ଏବଂ କହିଲେ ଯେ, ମୋର ଏହି ଅଭିଳାଷା ରହିଛି ଯେ ମୁଁ ନିଜ ଅଂଚଳରେ ନିଜ ଜନ୍ମଭୁମିରେ ରହି ଅଭାବି ଓ ଦରିଦ୍ର ଜନତାଙ୍କ ସେବା କରିବି। ମାତୃଭୂମି ପ୍ରତି ମୋର ମୋହ ମତେ ଏପରି କରିବାକୁ ବାଧ କରୁଛି ତେଣୁ ମୁଁ ପାକିସ୍ତାନରେ ହିଁ ରହିବାକୁ ଚାହୁଁଛି। ହଜୁର ଅନଓ୍ୱର ଅ:ବ:ଅ କୁହନ୍ତି ଯେ, ମୁଁ ଯେତେବେଳେ ଅଷ୍ଟ୍ରେଲିଆ ଯାତ୍ରା କରିଥିଲି ସେତେବେଳେ ତାଙ୍କ ସହିତ ମୋର ସାକ୍ଷାତ ହୋଇଥିଲା।

ଦୀର୍ଘଦିନ ଧରି ସେ ପେଶାଓ୍ୱାରର ଯମାତ୍‌ର ଅତିଥି ସଚିବ ଭାବରେ ଦାୟିତ୍ୱ ତୁଲାଇଥିଲେ। ଅହେମଦୀମାନେ ତ ମାତୃଭୂମି ପ୍ରତି ପ୍ରେମରେ ପ୍ରତ୍ୟେକ ବଳିଦାନ ପାଇଁ ପ୍ରସ୍ତୁତ ରହିଥାନ୍ତି ଏବଂ ଏହି ଲୋକମାନେ ଯେଉଁମାନେ ନାମକୁ ମାତ୍ର ମାତୃଭୂମିର ରକ୍ଷକ ସାଜିଛନ୍ତି, ଏମାନଙ୍କର ଅହେମଦୀମାନଙ୍କ ଉପରେ ଲାଞ୍ଛନା ଲଗାଇବା ଓ ଅହେମଦୀମାନଙ୍କୁ କ୍ଷତବିକ୍ଷତ କରିବା ଅର୍ଥାତ ତାଙ୍କୁ କଷ୍ଟ ଦେବା ବ୍ୟତିତ ତାଙ୍କର ଆଉ କୌଣସି ଉଦ୍ଦେଶ୍ୟ ନାହିଁ। କିନ୍ତୁ ସେ ଯାହା ହେଉ ନା କାହିଁକି ଅହେମଦୀୟତର ରକ୍ତ କଣିକାରେ ଯାହା ପ୍ରଭାହିତ ହେଉଛି ସେମାନେ ତଦନୁଯାୟୀ ହିଁ କାର୍ଯ୍ୟ କରିବେ। ସେ ପେଶାଓ୍ୱର ସେକ୍ରେଟାରୀ ଜିୟାଫତ୍ ଥିଲେ ଓ ଜୀବିତ ଥିବା ପର୍ଯ୍ୟନ୍ତ ଏହି ଶପଥ ଉପରେ ତାଙ୍କୁ ସେବା କରିବାର ସୁଯୋଗ ମିଳିଥିଲା। ଗତ ରମ୍‌ଜାନ୍ ମାସରେ ସେ ଏତେକାଫ୍ ମଧ୍ୟ ବସିଥିଲେ। ଫାରୁକ ନାମକ ତାଙ୍କର ଜଣେ ଭାଇଙ୍କର ମଧ୍ୟ ଟ୍ରାଫିକ ଦୁର୍ଘଟଣାରେ ବିୟୋଗ ହୋଇଥିଲା। ତାଙ୍କର ଅନ୍ୟଏକ ଭାଇ ଯିଏ କି ସ୍ୱର୍ଗତ ମିରାଜ୍ ସାହେବ ଦୋକାନ ପାଖରେ ତାଙ୍କର ଦୋକାନ ଅବସ୍ଥିତ ଥିଲା, ତାଙ୍କୁ ମଧ୍ୟ ଶତୃଙ୍କ ପକ୍ଷରୁ ବିପଦ ରହିଥିଲା ଓ ଧମକ ମିଳୁଥିଲା। ସ୍ୱର୍ଗତ ଶହୀଦଙ୍କ ପରିଜନମାନଙ୍କ ମଧ୍ୟରେ ତାଙ୍କର ପତ୍ନୀ ସମ୍ମାନୀୟା ରସିଦା ମିରାଜ୍ ସାହିବା ଓ ତିନି ପୁତ୍ର ଜଣେ ୟାସିର ସାହେବ ଯିଏକି ୨୭ ବର୍ଷ ବୟସର, ମୁସଓ୍ୱର୍ ଅହ୍‌ମଦ୍ ସାହେବ୍ ଯିଏ କି ୨୫ ବର୍ଷିୟ ଏବଂ ଯାଜିବ୍ ସାହେବ୍ ଯିଏ କି ୧୪ ବର୍ଷ ବୟସର ପୁତ୍ର ଅଟନ୍ତି ତଥା ଏକମାତ୍ର ପୁତ୍ରୀ ଆଇଶା ଯିଏ କି ଏମ୍‌ବିବିଏସ୍‌ର ଛାତ୍ରୀ ଅଛନ୍ତି। ଜାଜିବ୍ ଅହମଦ୍‌ଙ୍କୁ ମଧ୍ୟ ନିଜ ସ୍କୁଲ୍‌ରେ ଘୋର ବିରୋଧର ସମ୍ମୁଖିନ ହେବାକୁ ପଡ଼ିଥିଲା। ଅଲ୍ଲାଃ ତାଲା ସେହି ପିଲାମାନଙ୍କୁ ମଧ୍ୟ ସେହି ଉପଦ୍ରବକାରୀଙ୍କ ଉପଦ୍ରବରୁ ସୁରକ୍ଷା କରନ୍ତୁ।

ଆଜିକାଲି ପାକିସ୍ତାନରେ ବିରୋଧର ପରମ୍ପରା ଶିର୍ଷ ରେ ପହଂଚିଯାଇଛି। କେବଳ ଜନତାରେ ନୁହେଁ ବରଂ ସଂସଦରେ ମଧ୍ୟ ବିଭିନ୍ନ ପ୍ରକାର ମିଛ କଥା ଯମାତ୍ ଆଡ଼କୁ ଆକ୍ଷେପ କରାଇ ଇଙ୍ଗିତ କରାଯାଉଛି ଓ ସରଳ ଜନତାଙ୍କୁ ଉସ୍‌କାଇ ସେମାନଙ୍କୁ ବିଦ୍ରୋହ କରିବାକୁ ଚେଷ୍ଟା କରାଯାଉଛି। ଭୂଲ୍ ଢ଼ଙ୍ଗରେ ସେହି ଲୋକମାନଙ୍କର ଅପଗତିବିଧିକୁ ପ୍ରସ୍ତାବିତ କରାଯାଉଅଛି ଯାହାର ଯମାତ୍ ସହିତ କୌଣସି ସମ୍ପର୍କ ନାହିଁ ଏବଂ ପୁନଶ୍ଚ ପ୍ରପଗଣ୍ଡା ପ୍ରସ୍ତୁତ କରାଯାଉଅଛି, ଯାହାର ଯମାତ୍ ସହିତ କୌଣସି ସମ୍ପର୍କ ହିଁ ନାହିଁ ସେହିପରି ଆଜିର ସସ୍ତା ବା ସୁଲଭ ପ୍ରସିଦ୍ଧି ଅର୍ଜନପାଇଁ ପ୍ରତ୍ୟେକ ସାଧାରଣରୁ ସାଧାରଣ ବ୍ୟକ୍ତି ମଧ୍ୟ ୟୁଟ୍ୟୁବ ଭଳି ସାମାଜିକ ଓ୍ୱେବସାଇଟରେ ଯମାତ୍ ବିରୋଧରେ ସୁନିୟଜିତ ଓ ପ୍ରୟୋଜିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଭ୍ରମାତ୍ମକ କଥା ପ୍ରକାଶ କରି ଯମାତ୍ ଆଡ଼କୁ ଇଙ୍ଗିତ କରୁଛନ୍ତି କିନ୍ତୁ ଏଥିରେ ସେମାନଙ୍କର କୌଣସି ସତ୍ ଉଦ୍ଦେଶ୍ୟ ନଥାଏ। କାରଣ ସେମାନେ କେବଳ ସୁଲଭ ପ୍ରଶିଦ୍ଧିର ଆଶାବାଦି ଅଟନ୍ତି। ଅଲ୍ଲାଃ ତାଲା ସେମାନଙ୍କର ଅସତ୍ କର୍ମ ଓ କୁମନ୍ତ୍ରଣାକୁ ତାଙ୍କରି ଉପରକୁ ଲେଉଟାଇ ଦିଅନ୍ତୁ।

ଏହି ଦିନମାନଙ୍କରେ ବିଶେଷ କରି ପାକିସ୍ତାନର ଯମାତ୍ ମଧ୍ୟ ଓ ପୃଥିବୀରେ ପରିବ୍ୟାପ୍ତ ଅହେମଦୀମାନଙ୍କୁ ମଧ୍ୟ ଅଧିକ ଦୁଆ କରିବା ଉଚିତ। ତେଣୁ ଆମେମାନେ ଏହି ଦୁଆ **ରବ୍‌ବି କୁଲ୍ଲୁ ଶୈଇନ୍ ଖାଦିମୁକା ରବ୍‌ବି ଫହ୍‌ଫଜ୍‌ନି ଓ୍ୱନ୍‌ସୁରନି ଓ୍ୱର୍‌ହ୍‌ମନି** ଏବଂ **ଅଲ୍ଲାହୁମ୍ମା ଇନ୍ନା ନୟଆଲୁକା ଫି ନୁହୁରିହିମ୍ ଓ୍ୱ ନଉଜୁବିକା ମିନ୍ ଶୁରୁରିହିମ୍**ର ଜପ କରିବା ଉଚିତ। ସେହିପରି ଅଧିକରୁ ଅଧିକ ଦରୁଦ୍ ପଢ଼ିବା ମଧ୍ୟ ଉଚିତ। ଅଲ୍ଲାଃ ତାଲା ପ୍ରତ୍ୟେକ ଅହେମଦୀମାନଙ୍କୁ ସେମାନଙ୍କର ଉପଦ୍ରବଠାରୁ ସୁରକ୍ଷିତ ରଖନ୍ତୁ। ଯେତେ ଯେତେ ଏହି ଶତୃତା ବୃଦ୍ଧି ପାଇବ ସେହିପରି ଆମମାନଙ୍କୁ ଅଧିକରୁ ଅଧିକ ଅଲ୍ଲାଃ ତାଲାଙ୍କ ଆଡ଼କୁ ଆନତ ହେବାକୁ ପଡ଼ିବ।

ଶହୀଦଙ୍କ ପୁତ୍ର ୟାସିର ସାହେବ କୁହନ୍ତି ମୋର ପିତା ଅଲ୍ଲାଃ ତାଲାଙ୍କ ଦୟାରୁ ମୁସି ଥିଲେ ଏବଂ ଚାନ୍ଦାରେ ସର୍ବଦା ନିଷ୍ଠାର ସହିତ ଅଂଶଗ୍ରହଣ କରୁଥିଲେ ଏବଂ ଏହା ବ୍ୟତିତ ସେମାନେ ମଧ୍ୟ ଲୋକମାନଙ୍କ ସ୍ୱାର୍ଥପାଇଁ ସର୍ବଦା ବ୍ୟଗ୍ର ଓ ଚିନ୍ତିତ ରହୁଥିଲେ, ଆର୍ଥିକ ସହାୟତା ପ୍ରଦାନ କରୁଥିଲେ। ମୋର ପିତା ଅତ୍ୟନ୍ତ ସାହାସି ଓ ନିର୍ଭିକ ବ୍ୟକ୍ତି ଥିଲେ ବିରୋଧ ସତ୍ୱେ ମଧ୍ୟ ସେ ନିର୍ଭିକ ଭାବରେ ଅଲ୍ଲାଃ ତାଲାଙ୍କ ଉପରେ ଭରଷା ରଖି ସର୍ବଦା କହୁଥିଲେ କି ମୁଁ ବିରୋଧିମାନଙ୍କର କୌଣସି ବିରୋଧକୁ ଭ୍ରୁକ୍ଷେପ କରୁନାହିଁ କାରଣ ମୋର ପ୍ରଭୁଙ୍କ ଉପରେ ଦୃଢ଼ ଆସ୍ଥା ରହିଛି। ତାଙ୍କ ପୁତ୍ର କୁହନ୍ତି ମୋର ପିତା ଜଣେ ସରଳ, ବିନିତ ଓ ବଦାନ୍ୟ ବ୍ୟକ୍ତି ଥିଲେ। ଖୋଲା ହୃଦୟରେ ସର୍ବଦା ଲୋକମାନଙ୍କୁ ସହାୟତା କରୁଥିଲେ। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ, ଈଶ୍ୱର ଅନୁରାଗୀ ଓ ଈଶ୍ୱରଙ୍କୁ ସର୍ବଦା ସ୍ମରଣ କରିବାରେ ସମୟ ଅତିବାହିତ କରୁଥିଲେ। ଅଲ୍ଲାଃ ତାଲାଙ୍କ ସହିତ ତାଙ୍କର ଦୃଢ଼ ସମ୍ପର୍କ ରହିଥିଲା। ଅଲ୍ଲାଃ ତାଲାଙ୍କ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ରହିଥିଲା। ନିୟମିତ ନମାଜ ପାଠକାରୀ ଓ ତହ୍‌ଜୁଦ୍ ପାଠକାରି ବ୍ୟକ୍ତି ଥିଲେ। ଦୌନନ୍ଦିନ ଅଭ୍ୟାସ ଅନୁଯାୟୀ ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ତିଲାଓ୍ୱତ୍ କୁର୍‌ଆନ୍ କରିମ୍ କରୁଥିଲେ ଏବଂ ଏଥିପ୍ରତି ପିଲାମାନଙ୍କୁ ଉତ୍ସାହିତ ମଧ୍ୟ କରୁଥିଲେ ଏଥର ଏହି ରମ୍‌ଜାନ ମାସରେ ଏତେ୍‌କାଫ୍‌ରେ ବସିଥିଲେ ଏବଂ କହୁଥିଲେ ଯେ ମୁଁ ସ୍ୱପ୍ନରେ ପାପି ଓ ବହୁମୁଖୀ ବ୍ୟକ୍ତିମାନଙ୍କର ଫଳାଫଳ ଅତ୍ୟନ୍ତ ଦୁଃଖ ଦାୟକ ଦେଖିଛି ଏବଂ ସେ ଅତ୍ୟନ୍ତ ଧିରସ୍ଥିରତାର ସହିତ ଏହା କହୁଥିଲେ ଯେ, ଅଲ୍ଲାଃ ତାଲା ଆମମାନଙ୍କ ପାଇଁ ଅନେକ କିଛି ସାଇତି ରଖିଛନ୍ତି।

ଅଷ୍ଟ୍ରେଲିଆର ଅମୀର ସାହେବ ଏବଂ ସେଠାକାର ଲୋକମାନେ ମଧ୍ୟ ବର୍ଣ୍ଣନା କରନ୍ତି ଯେ ସ୍ୱର୍ଗତ ମିରାଜ ସାହେବ ଯେତେଦିନ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ରହିଛନ୍ତି, ସେ ଯମାତ୍‌ରେ ଜଣେ ଉତ୍ସର୍ଗୀ ସଦସ୍ୟଭାବରେ କାର୍ଯ୍ୟସମ୍ପାଦନ କରିଥିଲେ। ଯମାତ୍ ର ଜଣେ ତତ୍ପର କର୍ମୀ ଥିଲେ ଅତ୍ୟନ୍ତ ମିଳାପି, ସମସ୍ତଙ୍କୁ ଭଲ ପାଉଥିଲେ ଅତ୍ୟନ୍ତ ଅତିଥି ସତ୍କାରି, ବିନିତ ବ୍ୟକ୍ତି ଥିଲେ, ସେ ଅତ୍ୟନ୍ତ ନିର୍ଭିକ ଓ ଭାବବେଗପୂର୍ଣ୍ଣ ବ୍ୟକ୍ତି ଥିଲେ। ସେ କମ୍ କଥାବାର୍ତା କରୁଥିଲେ ଏବଂ କୋମଳ ତଥା ମିଷ୍ଟଭାଷୀ ଥିଲେ। ଯେତେବେଳେ ସେ ଅଷ୍ଟ୍ରେଲିଆରୁ ଫେରିଯିବାକୁ ବାହାରିଲେ ସେତେବେଳେ ତାଙ୍କ ବନ୍ଧୁମାନେ ତାଙ୍କୁ ପାକିସ୍ତାନର ବିଷମ ଓ ଭୟଙ୍କର ପରିସ୍ଥିତି ଯୋଗୁଁ ସେଠାକୁ ଯିବାକୁ ବାରଣ କଲେ, ଅଟକାଇଲେ। ତାଙ୍କ ସନ୍ତାନମାନେ ମଧ୍ୟ ଅଟକାଇବାକୁ ଚେଷ୍ଟା କଲେ, ପ୍ରତିରୋଧ କଲେ କିନ୍ତୁ ସେ କହିବାକୁ ଲାଗିଲେ ଯେ, ଯମାତ୍‌ର ମାର୍ଗରେ ଯଦି ପ୍ରାଣର ଆହୁତି ଦେବାକୁ ପଡ଼େ ତେବେ ଏହାଠୁ ବଳି ଆଉ କେଉଁ ସୌଭାଗ୍ୟ ହୋଇପାରେ ଏବଂ ବଡ଼ ପୁରସ୍କାର ହୋଇପାରିବ ପୁନଶ୍ଚ ଏହା ପରେ ସେ ଅଷ୍ଟ୍ରେଲିଆରୁ ବିଦାୟ ନେଲେ ଏବଂ କିଛି ଦିନ ପୂର୍ବେ ସେଠାକର ଅର୍ଥାତ ମେଲବର୍ନ ଜଇମ୍ ଅନ୍‌ସାରୁଲ୍ଲାଃ କୁହନ୍ତି ଶାହାଦତ୍‌ର ଦୁଇଦିନ ପୂର୍ବରୁ ମୋ ସହିତ ଫୋନ୍‌ରେ କଥାବାର୍ତା ହୋଇଥିଲେ। ଏଠାରେ ବିରୋଧିମାନଙ୍କର ବିରୋଧ ଚରମସୀମାରେ ପହଂଚିଯାଇଛି ବୋଲି କହିଥିଲେ କିନ୍ତୁ ମୁଁ ଏହି ବିରୋଧକୁ ଭୟ କରୁନାହିଁ ବୋଲି ମଧ୍ୟ କହିଥିଲେ।

ଦ୍ୱିତୀୟ ଯନାଜାଃ ହେଉଛି ସ୍ୱର୍ଗତ ଅଦିବ୍ ଅହେମଦ୍ ନାସିର୍ ସାହେବ୍ ଯିଏକି ଜଣେ ମୁବଲ୍ଲିଗ୍ ସିଲ୍‌ସିଲା ଥିଲେ। ତାଙ୍କ ପିତାଙ୍କ ନାମ ନାସିର୍ ଅହେମଦ୍ ଡ଼ୋଗର ସାହେବ୍ ଅହ୍‌ଦିପୁର ନାରଓ୍ୱାଲ୍‌ର ପୁତ୍ର ଥିଲେ। ଅଗଷ୍ଟ ମାସ ୯ ତାରିଖ ଦିନ ୨୭ ବର୍ଷ ବୟସରେ କିଛି ସମୟ ଅସୁସ୍ଥ ଯୋଗୁଁ ତାଙ୍କର ଅକାଳ ବିୟୋଗ ଘଟିଲା *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସେ ଜାମିୟା ଅହେମଦୀୟାରେ ପ୍ରବେଶ କରିଥିଲେ। ୨୦୧୭ ମସିହାରେ ଯାମିୟା ଅହେମଦୀୟାରୁ ଶିକ୍ଷା ସମାପ୍ତ କରି ନିଜ କର୍ମଭୁମିରେ ପାଦ ଦେଇଥିଲେ ଏବଂ ସ୍ଥାନିୟ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ଅଧିନରେ କାର୍ଯ୍ୟରତ ଥିଲେ। ତାଙ୍କର ନିର୍ବନ୍ଧ ମଧ୍ୟ ହୋଇସାରିଥିଲା। ତାଙ୍କର ବିବାହ ତିଥିମଧ୍ୟ ନିର୍ଦ୍ଧାରିତ ହୋଇଯାଇଥିଲା। ଅଗଷ୍ଟମାସ ୯ ତାରିଖ ଦିନ

ତାଙ୍କୁ ଜ୍ୱର ହୋଇଥିଲା । ରକ୍ତ ପରୀକ୍ଷାରୁ ତାଙ୍କୁ ଟାଇଫଏଡ୍ ହୋଇଥିବାର ଜଣାପଡ଼ିଲା । ଏହାପରେ ତାଙ୍କର ଟାଇଫଏଡ୍ ରୋଗ ବିଗିଡ଼ି ଯାଇଥିଲା ଓ ମୁଣ୍ଡ ମଧ୍ୟ ଫୁଲିଯାଇଥିଲା । ଏହି ସମୟରେ ସେ ନିଜ ସ୍ୱାସ୍ଥ୍ୟବସ୍ଥାର ଯତ୍ନ ମଧ୍ୟ ନେଇ ନଥିଲେ ଏବଂ ନିଜ କର୍ମକୁ ସମ୍ପାଦନ କରିଚାଲିଥିଲେ । ଯାତ୍ରା ମଧ୍ୟ କରୁଥିଲେ, ସେ ଯାହା ହେଉ ନା କାହିଁକି ଦୁଇ ତିନିଦିନ ପରେ ଅସୁସ୍ଥତା ବଢ଼ିଯାଇଥିଲା । ପରିଶେଷରେ ଟାଇଫଏଡ୍ ଜ୍ୱର କାରଣରୁ ତାଙ୍କର ଅକାଳ ବିୟୋଗ ଘଟିଲା ।

ତାଙ୍କ ପିତା ନାସିର୍ ଢ଼ୋଗର ସାହେବ କୁହନ୍ତି ମୋ ପୁତ୍ର ଜଣେ ୱକ୍‌ଫେ ଜିନ୍ଦଗୀ ଥିଲେ । ଅଭିଭାବକଙ୍କ ପାଇଁ ଗର୍ବ ଓ ଗୌରବ ଥିଲେ । ଅତ୍ୟନ୍ତ ପୂଣ୍ୟବନ୍ତ ତାଙ୍କ ପୁତ୍ର ନମାଜ ଓ ରୋଜାର ସମୟାନୁବର୍ତିତା ଅବଲମ୍ବନ କରୁଥିଲେ । ଅତ୍ୟନ୍ତ ସରଳ ଜୀବନଯାପନ କରୁଥିଲେ, କୋମଳ ସ୍ୱଭାବ ମୁଖମଣ୍ଡଳରେ ସର୍ବଦା ସ୍ମିତହାସ୍ୟ ପ୍ରକଟିତ ହେଉଥିଲା । ଏହା ଥିଲା ତାଙ୍କର ବିଶେଷ ଗୁଣାବଳୀ ଓ ତାଙ୍କର ମୁବ୍‌ଲିଗ୍ ବନ୍ଧୁମାନେ ମଧ୍ୟ ଏହା ହିଁ ଉଲ୍ଲେଖ କରିଛନ୍ତି ଯେ, ସର୍ବଦା ସ୍ମିତହାସ୍ୟ ପ୍ରକାଶ କରୁଥିଲେ, ମିଷ୍ଟଭାଷୀ ଥିଲେ । ଯମାତ୍‌ର ସେବା ଓ ଯମାତ୍ ସହିତ ପ୍ରେମ ସର୍ମ୍ପକ ଉତ୍ସାହମୂଳକ ଭାବବେଗ ତାଙ୍କଠାରେ ପୂରି ରହିଥିଲା । ସମସ୍ତଙ୍କର ପ୍ରୀୟଭାଜନ ହୋଇପାରିଥିଲେ । ଚେନି ଯମାତ୍‌ରେ କିଛି ଦିନ ଧରି ତାଙ୍କୁ ସେବା କରିବାକୁ ସୁଯୋଗ ମିଳିଥିଲା । ସେଠାରେ ନିଯୁକ୍ତ ହେବା ପୂର୍ବରୁ ବଇତୁସ୍ ଜିକର୍ ଏବଂ ମୁରବୀ ହାଉସ୍ ନିର୍ମାଣ ପାଇଁ ଅତ୍ୟନ୍ତ ଉତ୍ସାହ ଓ ଆବେଗପୂର୍ଣ୍ଣ ସହକାରେ କାର୍ଯ୍ୟ କରୁଥିଲେ । ନିଜର ସାମାନ୍ୟ ମାସିକ ବେତନରୁ କିଛି ଅର୍ଥ ଏକତ୍ରିତ କରି, ଯମା କରି ୩୦ ହଜାର ଟଙ୍କା ମସ୍‌ଜିଦ୍ ନିର୍ମାଣ ପାଇଁ ଦାନ କରିଥିଲେ ଏବଂ ବାରମ୍ବାର କାମ ଆରମ୍ଭ କରିବାକୁ ତାଗିଦ୍ କରୁଥିଲେ । ସର୍ବଦା ତାଙ୍କ ତୁଣ୍ଡରୁ ଏହା ଶୁଣିବାକୁ ମିଳୁଥିଲା ଯେ ଶିଘ୍ର କାମ ଆରମ୍ଭ କରନ୍ତୁ । ଅଲ୍ଲାଃ ତାଲା ତହିଁରେ ବର୍‌କତ୍ ପ୍ରଦାନ କରିବେ ।

ତାଙ୍କ ମାତା କୁହନ୍ତି ଅଦିବ୍ ଅହେମଦ୍‌ଙ୍କ ଜନ୍ମ ଆମ ପାଇଁ ଏକ ଆନନ୍ଦ ତଥା ମଙ୍ଗଳମୟର ଦଭିନ ଥିଲା କାରଣ ଆମେମାନେ ତାଙ୍କୁ ଅଲ୍ଲାଃ ତାଲାଙ୍କ ମାର୍ଗରେ ୱକ୍‌ଫ କରିଥିଲୁ । ଚାରିଜଣ କନ୍ୟା ସନ୍ତାନ ପରେ ପୁତ୍ରଟିଏ ପାଇଥିଲୁ ତେଣୁ ତାଙ୍କ ଖୁସିର ସୀମା ନଥିଲା ଏବଂ ସେ ଏଥିପାଇଁ ପ୍ରସନ୍ନ ଓ ଆନନ୍ଦିତ ଥିଲେ ଯେ ତାଙ୍କ ପୁତ୍ର ଦିନେ ବଡ଼ ହୋଇ ମୁବ୍‌ଲିଗ୍ ହେବେ ଓ ତାଙ୍କର ଟେକ ରଖିବେ । ତାଙ୍କ ପାଇଁ ଦ୍ୱିତୀୟ ଖୁସିର ଦିନଟି ଏହା ଥିଲା ଯେ ଯେତେବେଳେ ଆମକୁ ଜାମିୟା ଅହେମଦୀୟା ଡ଼କାଗଲା । ଅଦିବ୍‌କୁ ଶାହୀଦ୍‌ର ଡ଼ିଗ୍ରୀ ପ୍ରଦାନ କରାଗଲା । ସେ ଅତ୍ୟନ୍ତ ପୂଣ୍ୟବାନ ବ୍ୟକ୍ତି ଓ ଆଜ୍ଞାକାରୀ ପୁତ୍ର ଥିଲେ କର୍ମ ଭୁମିରୁ ସବୁଦିନ ଫୋନ କରି ବାପାମାଆଙ୍କ ସ୍ୱାସ୍ଥ୍ୟବସ୍ଥା ସର୍ମ୍ପକରେ ବୁଝୁଥିଲେ ଏବଂ ସର୍ବଦା ଏହା କହୁଥିଲେ ଯେ, ମାଆ ଆପଣଙ୍କ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବେ, ଅତ୍ୟନ୍ତ ଧର୍ମପରାୟଣ ଥିଲେ, ସେ ଜଣେ ଜମିଦାର ଘରର ପୁତ୍ର ଥିଲେ । ଯେତେବେଳେ ଗହମ ଅମଳ ସମୟ ଆସୁଥିଲା ସେତେବେଳେ ସେ ନିଜ ମାତାଙ୍କୁ କହୁଥିଲେ କି ମାଆ ଗହମ ଟିକିଏ ଅଧିକ ରଖିବେ, କାରଣ ଅଭାବି ବ୍ୟକ୍ତିମାନେ ମଧ୍ୟ ଆସଯାଆନ୍ତି ତେଣୁ ତାଙ୍କୁ ମଧ୍ୟ ସାହାଯ୍ୟ କରିବାର ଅଛି, ସେମାନଙ୍କୁ ମଧ୍ୟ ସେଥିରୁ ପ୍ରଦାନ କରିବେ ।

ଚିନେ ଯମାତ୍ ଯାହାକି ଅହ୍‌ଦିପୁର ଅଂଚଳରେ ଏକ ସ୍ଥାନରେ ଅବସ୍ଥିତ ତହିଁରେ ମୁବଲିଗ୍ ରହିବାପାଇଁ କେବଳ ଗୋଟିଏ କୋଠରୀ ରହିଥିଲା । ସମ୍ପୂର୍ଣ୍ଣ ଜିନିଷପତ୍ର ଉପଲବ୍ଧ ନଥିବା ସତ୍ୱେ ମଧ୍ୟ ସେ ଅତ୍ୟନ୍ତ ସାହାସିକତାର ସହିତ ସେଠାରେ ନିଜର କର୍ତବ୍ୟ ସମ୍ପାଦନ କରୁଥିଲେ ।

ଜିଲ୍ଲା ଫୈସଲାବାଦ୍‌ରେ ମୁତୟନ ଥିବା ଜାୱେଦ୍ ଲଙ୍ଗାହ୍ ସାହେବ ନାମକ ଜଣେ ମୁବଲିଗ୍ ସାହେବ ବର୍ଣ୍ଣନା କରନ୍ତି, ସ୍ୱର୍ଗତ ଅଦିବ୍ ୱକଫ୍‌ର ଆବେଗକୁ ହୃଦୟଙ୍ଗମ କରି ଜୀବନ ଅତିବାହିତ କରୁଥିଲେ । ଅତ୍ୟନ୍ତ ସାହାସିକତାର ସହିତ ଯମାତ୍‌ର କାମ କରୁଥିଲେ ଓ ଯମାତ୍‌ର ସର୍ବୋତମ ସଂସ୍କାର ସହିତ ପଦାଧିକାରୀମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ କରୁଥିଲେ । ସଂସ୍କାର ସୁତ୍ରରୁ ବିଶେଷକରି ଖଲିଫାମାନଙ୍କ ଅଡ଼ିଓ, ଭିଡ଼ିଓ କ୍ଲିପ ଯମାତ୍‌ର ସଦସ୍ୟମାନଙ୍କୁ ଶୁଣାଉଥିଲେ । ଯଦି କୌଣସି ବ୍ୟକ୍ତିର କୌଣସି ଦୋଷଦୁର୍ବଳତା ଦେଖୁଥିଲେ ତେବେ ସେ ପରିପ୍ରେକ୍ଷୀରେ ସେମାନଙ୍କର ଆତ୍ମସମ୍ମାନକୁ ଦୃଷ୍ଟିରେ ରଖି ସେହି ବ୍ୟକ୍ତିକୁ ଏକାନ୍ତରେ ନେଇ ବୁଝାଉଥିଲେ । ସେ ସମସ୍ତଙ୍କ ଲାଗି କାମରେ ଆସୁଥିଲେ ଏବଂ ଜଣେ ଉପକାରୀ ବ୍ୟକ୍ତିତ୍ୱ ଥିଲେ । ଖିଲାଫତ ସହିତ ତାଙ୍କର ଅହେତୁକ ଭାବବେଗ ରହିଥିଲା । ସେ ମେଳାପି, ସ୍ୱଭାବ ସୁଲଭ ବ୍ୟକ୍ତି, ବିନିତ ଓ ବିନମ୍ର ବ୍ୟକ୍ତି ଥିଲେ । ସେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରି ଥିଲେ । ଅତ୍ୟନ୍ତ ଶାନ୍ତ, ଶିଷ୍ଟ ଓ ଭଦ୍ର ବ୍ୟକ୍ତି ଥିଲେ । ଯେ କୌଣସି ପରିସ୍ଥିତିରେ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ ଉପରେ ସନ୍ତୁଷ୍ଟ ରହୁଥିଲେ । ଅଲ୍ଲାଃ ତାଲାଙ୍କ ପ୍ରିତିଭାଜନ ଲାଭ କରିବାକୁ ଚେଷ୍ଟା କରୁଥିଲେ । ଅଲ୍ଲାଃ ତାଲା ତାଙ୍କ ମାତା ପିତାଙ୍କୁ ଓ ଭଉଣୀମାନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ଉକ୍ତ ଆଘାତକୁ ସହ୍ୟ କରିବାକୁ ତାଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍...

ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନତି କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ସ୍ୱର୍ଗତ ହମିଦ୍ ଅହେମଦ୍ ଶେଖ୍ ସାହେବଙ୍କର ଯିଏ କି ଶେଖ୍ ମୁହମ୍ମଦ ହୁସୈନ୍ ସାହେବଙ୍କର ସୁପୁତ୍ର ଥିଲେ, ଗତ ୧୨ ତାରିଖ ଦିନ ୮୫ ବର୍ଷ ବୟସରେ ହୃଦଘାତରେ ତାଙ୍କର ବିୟୋଗ ଘଟିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ସେ ହଜ୍‌ରତ୍ ଶେଖ୍ ନୂର୍ ଅହେମଦ୍ ସାହେବଙ୍କ ପୌତ୍ର ଥିଲେ, ଯିଏ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ଥିଲେ । ତାଙ୍କ ପିତା ଶେଖ୍ ନୂର ଅହେମଦ୍ ସାହେବଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିର୍ଦ୍ଦେଶ ଦେଇଥିଲେ ଯେ, ନିଜର ଦୁଇ ପୁତ୍ରକୁ ଶିକ୍ଷା ପାଇଁ କାଦିୟାନ ପ୍ରେରଣ କରନ୍ତୁ । ସୁତରାଂ ସମ୍ମାନୀୟ ହମିଦ୍ ଅହେ୍ମଦ୍ ଶେଖ୍ ସାହେବ ପିତା ଶେଖ୍ ମୁହମ୍ମଦ ହୁସୈନ୍ ସାହେବ କାଦିୟାନରୁ ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ଯେଉଁଠି ସେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ସହପାଠୀ ହେବାର ମଧ୍ୟ ସୌଭାଗ୍ୟ ଅର୍ଜନ କରିଥିଲେ । ହମିଦ୍ ଅହେ୍ମଦ୍ ଶେଖ୍ ସାହେବଙ୍କ ନନା ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ଲ କାଦିର ସାହେବ ଲୁଧିଆନୀ ବି ଥିଲେ ଯିଏ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ୩୧୩ ଜଣ ସାହାବିମାନଙ୍କ ମଧ୍ୟରୁ ଜଣେ ଥିଲେ ।

ହମିଦ୍ ଅହେ୍ମଦ୍ ଶେଖ୍ ସାହେବଙ୍କ ବିବାହ କପୁରତାଲାର ହଜ୍‌ରତ୍ ମୁନ୍‌ସୀ ଜଫର୍ ସାହେବଙ୍କ ପୌତ୍ରୀ ସହିତ ହୋଇଥିଲା । ହମିଦ୍ ଅହେ୍ମଦ୍ ଶେଖ୍ ସାହେବ ଚାଟାର୍ଡ଼ ଆକାଉଂଟାଂଟ ଥିଲେ, ଏଠାରେ ଅର୍ଥାତ ଲଣ୍ଡନରେ ସେ ନିଜର ଶିକ୍ଷା ସମାପ୍ତ କରିଥିଲେ ସେ ନିଜର ଶିକ୍ଷା ଏଠି ଲଣ୍ଡନରେ ୧୯୭୩ ମସିହାରେ ସମ୍ପୂର୍ଣ୍ଣ କରିଥିଲେ । ରସିଦ୍ ଅହେମଦ ଅମିଲଡ଼ନ୍ ଯିଏ କି ଆମର ରୋଟି ପ୍ଲାଂଟର ଇନ୍‌ଚାର୍ଜ ଅଟନ୍ତି । ସେ ତାଙ୍କରି ଭାଇ ଥିଲେ । ସ୍ୱର୍ଗତଙ୍କର ପରିବାରରେ ତାଙ୍କର ଦୁଇ ପୁତ୍ର ଓ ଏକମାତ୍ର କନ୍ୟା ସନ୍ତାନ ରହିଛନ୍ତି । ସ୍ୱର୍ଗତଙ୍କର ଜଣେ ପୁତ୍ର ଅବ୍‌ଦୁର୍ ରଜାକ୍ ଶେଖ୍ ସାହେବ ଏଠାରେ ଆମର IAAAEର ଆର୍କିଟେକ୍ଟ ସଂଘର ଭାଇସ ଚେୟାରମ୍ୟାନ ଅଟନ୍ତି । ଅବ୍‌ଦୁର ରଜାକ୍ ଶେଖ୍ ସାହେବ ଉଲ୍ଲେଖ କରନ୍ତି ମୋ ପିତା ଜଣେ ଭଲ ପାଉଥିବା ଅତ୍ୟନ୍ତ ଆନ୍ତରିକ ପ୍ରୀୟ ବ୍ୟକ୍ତି, ସ୍ୱାମୀ, ପୁତ୍ର ଓ ଜେଜେବାପା ଥିଲେ । ଖାନ୍‌ଦାନ୍‌ର ସମସ୍ତ ଲୋକମାନେ ତାଙ୍କୁ ଭଲ ପାଉଥିଲେ ସେ ଯମାତ୍ ଅହେମଦୀୟାର ଜଣେ ନୈଷ୍ଠିକ ଓ ପୂଣ୍ୟବାନ ବ୍ୟକ୍ତି ଥିଲେ । ଯେତେବେଳେ ବି ଏବଂ ଯେଉଁ ରୁପରେ ବି ତାଙ୍କୁ ଯମାତ୍‌ର ସେବା କରିବାକୁ ସୁଯୋଗ ମିଳୁଥିଲା ସେ ସମ୍ପାଦନ କରୁଥିଲେ । କୌଣସି ପ୍ରକାରେ ମଧ୍ୟ ସେହି ସୁଯୋଗକୁ ହାତଛଡ଼ା କରୁନଥିଲେ । ଖଲିଫାଙ୍କୁ ସର୍ବଦା ପତ୍ର ଲେଖୁଥିଲେ ଏବଂ ନିଜର ସନ୍ତାନମାନଙ୍କୁ ମଧ୍ୟ ଖଲିଫାଙ୍କୁ ପତ୍ର ଲେଖିବାପାଇଁ ଅନୁପ୍ରାଣିତ କରୁଥିଲେ । ପିଲାମାନଙ୍କୁ ସର୍ବଦା ସ୍ଥାନୀୟ ଯମାତ୍ ସହିତ ଯୋଗାଯୋଗ ରଖିବାପାଇଁ ତାଗିଦ୍ କରୁଥିଲେ ଏବଂ ଏ ସର୍ମ୍ପକରେ ସେ ବାରମ୍ବାର ଆମମାନଙ୍କୁ ସାମୁହିକ ନମାଜ ପଢ଼ିବାପାଇଁ ମଧ୍ୟ ଦୃଷ୍ଟି ଆକର୍ଷଣ କରୁଥିଲେ । ଯମାତ୍ ଅହେମଦୀୟାର ଆର୍ଥିକ ବଳିଦାନରେ ଯୋଗ ଦେବାପାଇଁ ଅନୁପ୍ରାଣିତ କରୁଥିଲେ ଏବଂ ନିଜ ମୃତ୍ୟୁର ଦୁଇ ସପ୍ତାହ ପୂର୍ବରୁ ନିଜର ସମସ୍ତ ବାକି ଥିବା ଚାନ୍ଦା ମଧ୍ୟ ପଇଠ କରିଦେଇଥିଲେ । ସେ ନାଇଜେରିଆରେ ମଧ୍ୟ କିଛି କାଳ ରହିଥିଲେ ସେଠାରେ ମସ୍‌ଜିଦ୍ ଓ ମିଶନ୍ ହାଉସ୍‌ର ଜମି ଗୁଡ଼ିକରେ ନିଜର ବୃତିଗତ ଯୋଗ୍ୟତାକୁ ଭିର୍ତି କରି ସୌହାର୍ଦ୍ଧ ପୂରଣ କାର୍ଯ୍ୟରେ ସେ ସହଯୋଗ କରିଥିଲେ ଏବଂ ନାଇଜେରିଆ ଛାଡ଼ିବାପରେ ସେ ନିଜର ଗାଡ଼ି ଯମାତ୍‌କୁ ଉପହାର ସ୍ୱରୁପ ପ୍ରଦାନ କରିଆସିଥିଲେ । ପାକିସ୍ତାନରେ ଅବସ୍ଥାନ କାଳରେ ମଧ୍ୟ ସେ IAAAEର ଚେୟାରମ୍ୟାନରୂପେ ଦାୟିତ୍ୱ ତୁଲାଇଥିଲେ । ସେ ଯାହା ହେଉ ନା କାହିଁକି ବିଭିନ୍ନ ଯୋଗ୍ୟତା ଯୋଗୁଁ ତାଙ୍କୁ ସେବା କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ଅଲ୍ଲାଃ ତାଲା ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ଏହି ପୂଣ୍ୟକର୍ମଗୁଡ଼ିକୁ ଜାରି ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍... ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ।

ଜୁମା ନମାଜ ପରେ ଇନଶାଅଲ୍ଲାଃ ତାଲା ଏହି ତିନିଜଣଙ୍କର ମୁଁ ନମାଜ ଯନାଜାଃ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘⌘

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

କାର୍ଯ୍ୟର ଯେଉଁ ସର୍ତାବଳୀମାନ ରହିଛି, ତାହାକୁ ପୂରଣ ମଧ୍ୟ କରୁଛନ୍ତି, ଯଥା ସମ୍ଭବ ଏଥିପ୍ରତି ପରିଶ୍ରମ ମଧ୍ୟ କରିଛନ୍ତି ପୁଣି ଏହି ପରିଶ୍ରମ ସହିତ ଦୁଆ ମଧ୍ୟ କରିଲେ, ତା'ପରେ ଅଲ୍ଲାହ୍‌ଙ୍କ ନିକଟରେ ଫଳ ନେବାର ଦାୟିତ୍ୱ ଛାଡ଼ିଦେଲେ, ଜଣେ ମୋମିନ୍‌ର କାମ ହେଉଛି ଏହା । ଜେଣ ନାସ୍ତିକ କେବଳ ପରିଶ୍ରମ କରିଥାଏ, ତାକୁ ତା'ର ଫଳ ମଧ୍ୟ ମିଳିଯାଏ କିନ୍ତୁ ଯେବେ ଜଣେ ମୋମିନ୍ ପରିଶ୍ରମ କରୁଛି, ତାକୁ ତା'ର Reward ସେ ପର୍ଯ୍ୟନ୍ତ ମିଳିନଥାଏ ଯେ ପର୍ଯ୍ୟନ୍ତ ସେ ସେଥିରେ ଅଲ୍ଲାହ୍‌ଙ୍କୁ ସାମିଲ ନ କରିଛି । ଅନ୍ୟଥା ସେ ଏକଥା କହିଦେଉ ଯେ ମୁଁ ଅଲ୍ଲାହ୍‌ଙ୍କୁ ମାନୁନାହିଁ, ମୁଁ ହେଉଛି ନାସ୍ତିକ । ଅତଏବ୍ ଯେବେ ତୁମେ ଜଣେ ଅହେମଦୀ ତେବେ ତୁମକୁ ପରିଶ୍ରମ କରିବାକୁ ପଡ଼ିବ ତତ୍‌ସହିତ ଦୁଆ ମଧ୍ୟ କରିବାକୁ ହେବ । ଯଦି ଦୁଆ କରିବାପରେ, ପରିଶ୍ରମ କରିବା ପରେ, ତା'ର ଫଳ ମିଳୁନାହିଁ, ସେତେବେଳେ ଅଲ୍ଲାହ୍ ମନ ଭିତରେ ଏକଥା ପକାଇ ଦେଉଛନ୍ତି ଯେ ଏହା ତୁମ ପାଇଁ ଠିକ୍ ନୁହେଁ । ବା ମନକୁ ସାନ୍ତ୍ୱନା ମିଳିଯାଉଛି ଯେ ଯାହା ହେବ ତାହା ମୋ ପାଇଁ ଠିକ୍ ହେବ । ତେଣୁ ନିରାଶା ହୁଏ ନାହିଁ । ସୁତରାଂ ଅସଫଳତାର ପରିଭାଷା ଗଣିତ ଫର୍ମୁଲା ପରି ଏଠାରେ ବତାଯାଇ ପାରିବନାହିଁ । ସେ ଯାହା ହେଉ ନା କାହିଁକି କେବେହେଲେ ନିରାଶ ହେବନାହିଁ । ସମ୍ପୂର୍ଣ୍ଣ ରୂପେ ପରିଶ୍ରମ କର, ନିଜର ସମସ୍ତ Potential, ସାମର୍ଥ୍ୟ ଓ ଆସବାବକୁ ବିନିଯୋଗ କର ପୁଣି ଦୁଆ କର, ତା'ପରେ ଶେଷରେ ଈଶ୍ୱରଙ୍କ ଉପରେ ମାମଲାକୁ ଛାଡ଼ିଦିଅ ।

ୱାକିଫିନେ ନୌ ପିଲାମାନଙ୍କ ହଜୁର ଅନୱର ଅ:ବ:ଅଙ୍କ ସହିତ ଅନୁଷ୍ଠିତ ହୋଇଥିବା ଏହି କ୍ଲାସ ୮:୦୦ ବେଳେ ଶେଷ ହେଲା । ତା'ପରେ ହଜୁର ନମାଜ ମଗରିବ୍ ଓ ଇଶା ଯମା କରି ପଢ଼ାଇଲେ । ନମାଜପରେ ହଜୁର ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୧ ଅକ୍ଟୋବର ୨୦୧୯ (ମଙ୍ଗଳବାର)**

ହଜୁର ଅନୱର ଅ:ବ:ଅ ପ୍ରତ୍ୟୁଷ ୬:୦୦ରେ ମସ୍‌ଜିଦ୍ ବଇତୁଲ୍ ନୂରଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳରେ ହଜୁର ଅନୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ସକାଳ ସାଢ଼େ ଏଗାରଟା (୧୧:୩୦) ବେଳେ ହଜୁର ଅନୱର ଅ:ବ:ଅ ବଇତୁଲ୍ ନୂରଠାରେ ପଦାର୍ପଣ କଲେ, ପୁଣି ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହୋଇଗଲା। ଆଜି ସକାଳର ଏହି ସେଶନ୍‌ରେ ୩୭ ଟି ଫ୍ୟାମିଲିର ୧୪୦ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ପ୍ରତ୍ୟେକ ହଜୁର ଅନୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୁଯୋଗ ପାଇଲେ । ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ବିଦ୍ୟାର୍ଥୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ କୁନି କୁନି ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ହଲାଣ୍ଡର ବିଭିନ୍ନ ଯମାତ୍‌ଗୁଡ଼ିକରୁ ଏଠାକୁ ଆସିଥିଲେ ।

ଆଜି ସାକ୍ଷାତ କରିଥିବା ଲୋକମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ଏପରି ଥିଲେ, ଯେଉଁମାନେ ପାକିସ୍ତାନରୁ ଏଠାକୁ ଆସିଥିଲେ, ଓ ନିଜ ଜୀବନରେ ପ୍ରଥମଥର ପାଇଁ ନିଜ ପ୍ରୀୟ ମୁନିବଙ୍କ ସହିତ ସାକ୍ଷାତ କରୁଥିଲେ । ଏମାନେ ସମସ୍ତେ ବହୁତ ଖୁସିଥିଲେ ଯେ ଏମାନଙ୍କ ଜୀବନରେ ଆଜି ଏପରି ଏକ ପବିତ୍ର ଦିନ ଆସିଛି ଯେ ସେମାନେ ନିଜ ପ୍ରୀୟ ଆକାଙ୍କୁ ଅତି ନିକଟରେ ଦର୍ଶନ କରିବାକୁ ପାଇଛନ୍ତି । ହଜୁରଙ୍କ ନିକଟରେ ଯେଉଁ କିଛି କ୍ଷଣ ବିତାଇଛନ୍ତି ତାହା ତାଙ୍କ ସାରା ଜୀବନର ସମ୍ପତି ଥିଲା । ସମସ୍ତେ ବରକତ୍‌କୁ ଆବୋରି, ବାହାରକୁ ଖୁସିରେ ବାହାରୁଥିଲେ । ପ୍ରତ୍ୟେକ ନିଜ ଆକାଙ୍କଠାରୁ ଆର୍ଶିବାଦ ଲାଭ କଲେ । ସାନ୍ତ୍ୱନା ପାଇଲେ । ଦର୍ଶନ କରିବାର ଅଭିଳାଷା ପୂରଣ ହେଲା ଏବଂ ସାକ୍ଷାତକାରର ଏହି କିଛି କ୍ଷଣ ସେମାନଙ୍କୁ ସବୁବେଳ ପାଇଁ ମନବୋଧ କରାଇଦେଲା ।

ଗୋଟିଏ ଫ୍ୟାମିଲି ଯେବେ ସାକ୍ଷାତକରି ବାହାରକୁ ଆସିଲା, ସେତେବେଳେ ତାଙ୍କର ଆଖିରୁ ଅଶ୍ରୁ ବହୁଥିଲା, ଏହା ଖୁସିର ଅଶ୍ରୁ ଥିଲା । କଲମ ଧରି ବିଦ୍ୟାର୍ଥୀମାନେ ଖୁସିରେ କହୁଥିଲେ ଯେ ହଜୁର ଆମକୁ ଏହା ଦେଇଛନ୍ତି । ଏହି ଅଶ୍ରୁ ସେମାନଙ୍କ ପାଇଁ ଅମୃତଜଳ ଥିଲା । ଏହା ହିଁ ଜୀବନର ଜଳ ଅଟେ । ଏହା ଦ୍ୱାରା ଯେଉଁଠି ଦୀନ୍ (ଧର୍ମ)ର ସୁଧାର ହେବ ସେଠି ଦୁନିଆ (ସଂସାର) ମଧ୍ୟ ସୁଧୁରି ଯିବ । ଯଦି ଏହି ଅଶ୍ରୁ ଓ ଏହି କ୍ଷଣକୁ ନିଜ ହୃଦୟ ଭିତରେ ସଜାଇ ରଖିବା, ତେବେ ଆମେ ନିଜ ଉଦ୍ଦେଶ୍ୟକୁ ପାଇଯିବା ଓ ଆମର ପିଢ଼ି ମଧ୍ୟ ଏହି ବରକତ୍‌ଗୁଡ଼ିକରୁ ଲାଭ ପାଇବେ ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ଦିନ ଦୁଇଟା ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**Almere ସହରରେ ''ମସ୍‌ଜିଦ୍ ବଇତୁଲ୍ ଆଫିୟତ''ର ଉଦ୍‌ଘାଟନ**

ଆଜି ପ୍ରୋଗ୍ରାମ ମୁତାବକ ଅଲ୍‌ମେରେ ସହରଠାରେ ''ମସ୍‌ଜିଦ୍ ବଇତୁଲ୍ ଆଫିୟତ୍''ର ଉଦ୍‌ଘାଟନି ଉତ୍ସବ ହେବାର ପ୍ରୋଗ୍ରାମ ରଖାଯାଇଥିଲା । ହଜୁର ଅନୱର ଅ:ବ:ଅ ଠିକ୍ ୪:୩୦ ବେଳେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ ନନ୍‌ସ୍ପିଟ୍‌ରୁ ଅଲ୍‌ମେରେ ସହର ନିମନ୍ତେ ଯାତ୍ରା ଆରମ୍ଭ ହେଲା ନନ୍‌ସ୍ପିଟ୍‌ରୁ ଅଲ୍‌ମେରେ ସହରର ଦୁରତା ହେଉଛି ପଚାଶ କିଲୋମିଟର ।

ଅଲ୍‌ମେରେ ସହରଟି ଫ୍ଲେଭ୍‌ଲ୍ୟାଣ୍ଡ ରାଜ୍ୟରେ ଅବସ୍ଥିତ । ଏହି ସହରଟିକୁ ୧୯୭୧ ମସିହାରେ ସମୁଦ୍ରର ଏକ ଅଂଶକୁ ଶୁଖାଇ ଜନବସତି ସ୍ଥାପନ କରାଯାଇଥିଲା । ୪୯ ବର୍ଷ ପୂର୍ବେ ଏଠାରେ କେବଳ ସମୁଦ୍ର ଥିଲା ଏବେ ଗୋଟିଏ ସୁନ୍ଦର ସହର ଗଢ଼ିଉଠିଛି । ଏହି ସହରର ଲୋକ ସଂଖ୍ୟା ହେଉଛି ଏକ ଲକ୍ଷ ୮୪ ହଜାର (୧,୮୪,୦୦୦) । ଏଠି Lelysted ଇଲାକାରେ ୨୦୦୭ ମସିହାରେ ଯମାତ୍‌ର ସ୍ଥାପନା ହୋଇଥିଲା । ଏବେ ଯମାତ୍‌କୁ ଏଠାରେ ମସ୍‌ଜିଦ୍ ନିର୍ମାଣ କରିବାପାଇଁ ସୌଭାଗ୍ୟ ମିଳିଛି ।

ଊଣା ଅଧିକେ ପଚାଶ ମିନିଟ ଯାତ୍ରା କରିବା ପରେ ଠିକ୍ ୫:୨୦ ମିନିଟରେ ହଜୁର ଅନୱର ଅ:ବ:ଅ ''ମସ୍‌ଜିଦ୍ ବଇତୁଲ୍ ଆଫିୟତ୍''ଠାରେ ପହଂଚିଲେ । ଯମାତ୍‌ର ଆବାଳବୃଦ୍ଧବନିତା ବହୁତ ଆନନ୍ଦ ଓ ଉତ୍ସାହର ସହିତ ହଜୁର ଅନୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ । ଛୋଟ ଛୋଟ ଝିଅପିଲାମାନେ ନିଜ ନିଜ ହାତରେ ହଲାଣ୍ଡ ଦେଶ ଜାତୀୟ ପତାକା ଧରିଥିଲେ ଓ ସ୍ୱାଗତମୂଳକ ଗୀତ ପରିବେଷଣ କରି ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇଥିଲେ । ଚାରିଆଡ଼େ ଏକ ଖୁସିର ବାତାବାରଣ ଥିଲା ।

ଯେଉଁକ୍ଷଣି ହଜୁର ଗାଡ଼ିରୁ ବାହାରକୁ ବାହାରିଲେ, ସେହିକ୍ଷଣି ଅଲ୍‌ମେରେ ଯମାତ୍‌ର ସଦର ଶ୍ରୀମାନ୍ ହନିଫ୍ ଅହମଦ୍ ସାହେବ୍ ଓ ମୁବଲ୍ଲିଗ୍ ସିଲ୍‌ସିଲା ସଫିର୍ ଅହମଦ୍ ସିଦ୍ଦିକି ସାହେବ ହଜୁର ଅନୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ । ହଜୁର ଅନୱର ଅ:ବ:ଅ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ **ଅସ୍‌ସଲାମୋ ଆଲୈକୁମ୍** କହିଲେ ।

ଏହାପରେ ହଜୁର ଅନୱର ଅ:ବ:ଅ ମସ୍‌ଜିଦ୍‌ର ପ୍ରବେଶ ଦ୍ୱାର ଭିତରେ ଥିବା କାନ୍ଥରେ ସ୍ଥାପନ କରାଯାଇଥିବା ଫଳକଟକୁ ଉନ୍ମୋଚନ କଲେ ଓ ପୁଣି ଦୁଆ କରାଇଲେ । ଦୁଆ ପରେ ହଜୁର ଅନୱର ଅ:ବ:ଅ ମସ୍‌ଜିଦ୍ ଭିତରେ ପୁରୁଷମାନଙ୍କ ନିମନ୍ତେ ତିଆରି ହୋଇଥିବା ହଲ୍ ଭିତରକୁ ପ୍ରବେଶ କଲେ ଓ ଜୋହର୍ ଏବଂ ଅସର୍ ନମାଜ ଯମା କରି ପଢ଼ାଇଲେ । ଏହି ଭଳି ଉଦ୍‌ଘାଟନି ଉତ୍ସବ ସମ୍ପାଦନ ହେଲା ।

ନମାଜପାଠ ପରେ ହଜୁର ଅନୱର ଅ:ବ:ଅ ଲାଇବ୍ରେରୀ ହଲ୍ ଭିତରକୁ ପ୍ରବେଶ କଲେ ଯେଉଁଠି ପ୍ରେସ କନ୍‌ଫରେନ୍‌ସର ଆୟୋଜନ କରାଯାଇଥିଲା । ହଜୁରଙ୍କ ଆଗମନ ପୂର୍ବରୁ ଇଲେକ୍ଟ୍ରୋନିକ୍, ପ୍ରିଂଟ୍ ମିଡ଼ିଆ ଏବଂ ସୋଶିଆଲ୍ ମିଡ଼ିଆର ପ୍ରତିନିଧିମାନେ ଲାଇବ୍ରେରୀ ହଲ୍ ଭିତରେ ଉପସ୍ଥିତ ହୋଇ ହଜୁରଙ୍କ ଅପେକ୍ଷାରେ ଥିଲେ ।

**ପ୍ରେସ୍ କନ୍‌ଫରେନ୍ସ**

ଆଜିକାଲି ଏହି ପ୍ରେସ କନ୍‌ଫରେନ୍ସରେ ହଲାଣ୍ଡର ଜାତୀୟ ଖବର କାଗଜ De Volkskrant ର ପତ୍ରକାର, ରିଜିଓନାଲ୍ Online ଖବରକାଗଜ Zwolle Nieuws ର ପ୍ରତିନଧି, ରିଜିଓନାଲ୍ Omroeq Flevoland T.V ର ଜର୍ନାଲିଷ୍ଟ, ୟୁରୋ ଟାଇମ୍‌ସ ବେଲ୍‌ଜିୟମ୍‌ର ପ୍ରତିନିଧି ଏବଂ ଅନ୍ୟାନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ସର୍ବପ୍ରଥମେ Mr. Ben Van Raaij ଯିଏ ଗୋଟିଏ ଜାତୀୟ ଖବରକାଗଜ De Volkskrant ର ପ୍ରତିନିଧି ଅଟନ୍ତି, ସେ ମହାଶୟ ଏଠି ଅଲ୍‌ମେରେଠାରେ ଯମାତ୍ ଅହେମଦୀୟା ମସ୍‌ଜିଦ୍ ନିର୍ମାଣ କରିଥିବା ଯୋଗୁଁ ଶୁଭକାମନା କଲେ । ସେଥିଯୋଗୁଁ ହଜୁର ଅନୱର ଅ:ବ:ଅ ତାଙ୍କୁ ଧନ୍ୟବାଦ ଜଣାଇଲେ । ତା'ପରେ ସେ ମହାଶୟ ଜାଣିବାକୁ ଚାହିଁଲେ ଯେ କଣ ଯମାତ୍ ଅହେମଦୀୟା ପାଇଁ ପାକିସ୍ତାନରେ ମସ୍‌ଜିଦ୍ ବନାଇବା ସମ୍ଭବ? ଏଥିରେ ହଜୁର ଅନୱର ଅ:ବ:ଅ କହିଲେ: ପାକିସ୍ତାନର କାନୁନ୍ ଆମକୁ ଏପରି କୌଣସି କାମ କରିବାକୁ ଅନୁମତି ଦେଉନାହିଁ ଯାହାର ସମ୍ବନ୍ଧ ଇସ୍‌ଲାମୀୟ ଶିକ୍ଷା ସହିତ ଥିବ । ତେଣୁ କାନୁନ୍ ମୁତାବକ ଆମେ ସେଠାରେ ମସ୍‌ଜିଦ୍ ବନାଇ ପାରିବୁନାହିଁ ଏପରି କି ଆମ ଯମାତ୍ ବିରୁଦ୍ଧରେ ଏହି କାନୁନ୍ ଲାଗୁ ହେବା ପୂର୍ବରୁ ମଧ୍ୟ ଯେଉଁ ମସ୍‌ଜିଦ୍‌ଗୁଡ଼ିକୁ ଆମେ ବନାଇଥିଲୁ, ସେ ସବୁକୁ ମଧ୍ୟ ''ମସ୍‌ଜିଦ୍'' ବୋଲି କହିପାରିବୁ ନାହିଁ ।

ସେହି ପତ୍ରକାର ଜଣକ ପଚାରିଲେ ଯେ ପାକିସ୍ତାନରେ ଗତବର୍ଷ ନୂଆ ସରକାର ଗଠନ ହୋଇଛି । କିଛି ଲୋକମାନଙ୍କର ଏ ଧାରଣା ଯେ ନୂଆ ସରକାର ଧାର୍ମିକ ଅଳ୍ପସଂଖ୍ୟକମାନଙ୍କ ପାଇଁ ଅଧିକ ଲିବରାଲ୍ ସରକାର ଅଟେ କିନ୍ତୁ କିଛି ଲୋକମାନଙ୍କର ଏ ଧାରଣା ଯେ ଏହି ସରକାର ପାଇଁ କିଛିଟା ପଦକ୍ଷେପ ନେବା ଅଧିକ କଷ୍ଟକର । କାରଣ ସରକାରକୁ ଏପରି କେତେକ ଦଳର ସମର୍ଥନ ରହିଛି, ଯେଉଁମାନେ ଧାର୍ମିକ ଅଳ୍ପସଂଖ୍ୟକ

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାହ୍ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

(ଖୁତ୍‌ବା ଜୁମା ପ୍ରଦତ୍ତ ୩ ଫେବୃୟାରୀ ୨୦୧୭)

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ମାନଙ୍କର ବିରୋଧି ଅଟନ୍ତି । ବତର୍ମନା ଯେଉଁ ସରକାର ପାକିସ୍ତାନରେ ରହିଛି ତା ଆଧାରରେ ପାକିସ୍ତାନରେ ଧର୍ମୟ ସ୍ୱାଧିନତାର କି ପ୍ରକାର ପରିବେଶ ଅଛି, ଏ ସମ୍ବନ୍ଧରେ ଆପଣଙ୍କର କଣ ମତ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯଦି ପାକିସ୍ତାନିମାନଙ୍କର ସ୍ୱଭାବକୁ ଦେଖାଯାଏ, ଜଣାପଡୁଛି ଯେ ପାକିସ୍ତାନିମାନେ ନିଜକୁ ବଡ଼ ଧାର୍ମିକ ହେବାର ଦାବି କରନ୍ତି । ଏଥିକାରଣ ଯୋଗୁଁ ପାକିସ୍ତାନରେ ସାଧାରଣ ଲୋକମାନେ ତଥାକଥିତ ମୁଲ୍ଲା ବା ମୌଲବୀମାନଙ୍କ ଅଧିନରେ ଅଛନ୍ତି । ଅବଶ୍ୟ ଏହି ଓ୍ୱଲେମାଗଣ, ଯାହାଙ୍କ ହାତରେ କେବଳ ମସ୍‌ଜିଦ୍‌ର ମେମ୍ବର ଅଛି ଓ ସେମାନଙ୍କ ନିକଟରେ କୌଣସି ରାଜନୈତିକ ଶକ୍ତି ନାହିଁ କିନ୍ତୁ ଏହା ସତ୍ୱେ ମଧ୍ୟ ସେମାନେ ସାଧାରଣ ଜନତାକୁ ପ୍ରଭାବିତ କରି ବାହାରକୁ ଗଳି କନ୍ଦିରେ ଆଣିପାରିବେ । ତେଣୁ ଯେ କୌଣସି ସରକାର ଆସୁଛି ସେ ଏହା ଦାବି କରୁଛି ଯେ ଆମେ ଲିବରାଲ୍ ଯେବେ କି ସେମାନେ ଏହି ମୁଲ୍ଲାମାନଙ୍କୁ ଡ଼ରୁଛନ୍ତି କାରଣ ସେମାନେ ସାଧାରଣ ଜନତାକୁ ପ୍ରଭାବିତ କରି ବାହାରକୁ ଆଣିପାରିବେ । ତେଣୁ ଯେପର୍ଯ୍ୟନ୍ତ ମୁଲ୍ଲାମାନଙ୍କର ଡ଼ର ରହିଛି ସେ ପର୍ଯ୍ୟନ୍ତ ଆପଣ ଏହା କହିପାରିବେନାହିଁ ଯେ ସରକାର ଯାହା ଚାହିଁବ କରିପାରିବ ।

ସେହି□ପତ୍ରକାର ଜଣକ ପୁଣି ପଚାରିଲେ ଯେ, ହଜୁର କଣ ଆପଣ ପାକିସ୍ତାନ ଯାଇପାରିବେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ହଁ ମୁଁ ପାକିସ୍ତାନ ଯାଇପାରିବି କିନ୍ତୁ ଏହି ସର୍ତରେ ଯାଇପାରିବି ଯେ ସେଠି ଯାଇ କେବଳ ନୀରବ ରହିବି । ମୁଁ ସେଠାକୁ ଯାଇ ନିଜକୁ ମୁସଲମାନ ବୋଲାଇପାରିବି ନାହିଁ ଓ ଏପରି କୌଣସି କାର୍ଯ୍ୟ କରିପାରିବି ନାହିଁ ଯାହା ଇସ୍‌ଲାମୀୟ ଶିକ୍ଷା ମୁତାବକ ହୋଇଥିବ । ତେଣୁ ଅହେମୀଦୟା ମୁସଲସିମ୍ ଯମାତ୍‌ଙ୍କର ମୁଖିଆ ହୋଇଥିବା ଯୋଗୁଁ ମୁଁ ପାକିସ୍ତାନ ଯିବାକୁ ଚାହୁଁନାହିଁ କାରଣ ଯଦି ସେଠାରେ କାନୁନ ମୁତାବକ ମତେ ନୀରବ ରହିବାକୁ ପଡ଼େ । ତେବେ ପୁଣି ସେଠାକୁ ଯାଇ ଲାଭ କଣ ?

ପୁଣି ପତ୍ରକାର ଜଣକ ପଚାରିଲେ, ଆପଣଙ୍କ ମତରେ ଏହିଭଳି ପରିସ୍ଥିତିର ସୁଧାର ପାଇଁ କଣ ସବୁ ମାର୍ଗ ଗ୍ରହଣ କରାଯାଇପାରିବ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେ ପର୍ଯ୍ୟନ୍ତ ସେଠାରେ ଅହେମଦୀମାନଙ୍କୁ ଅଣମୁସଲିମ ଅଭିହିତ କରିବାର କାନୁନ ରହିଥିବ, ଏବଂ ସେଠିକାର କାନୁନ ଏକଥା କହୁଛି ଯେ, for the purpose of Law and constitution, Ahmadis are not Muslims ଏବଂ ପୁଣି ଏହି କାନୁନକୁ ଜିଆଉଲ୍‌ହକ୍ ମାର୍ସଲ ଲ' ଜରିଆରେ ଆହୁରି ଅଧିକ କଠୋର କରିଦେଇଥିଲା ସେଥିଯୋଗୁଁ ଆମେ ଅହେମଦୀମାନେ ଏବେ ପାକିସ୍ତାନରେ "ଅସ୍‌ସଲାମୁ ଆଲୈକୁମ୍" ମଧ୍ୟ କହିପାରୁନାହୁଁ, ଆମ ନିଜ ମସ୍‌ଜିଦ୍‌ଗୁଡ଼ିକୁ ମଧ୍ୟ ମସ୍‌ଜିଦ୍ ବୋଲି କହିପାରୁନାହୁଁ । ଯେମିତି ମୁଁ ଏକଥା କହିସାରିଛି ଯେ, କୌଣସି ମଧ୍ୟ କାର୍ଯ୍ୟ ଶୈଳୀ ବା ଭାବଭଙ୍ଗୀରେ ମଧ୍ୟ ଆମେ ମୁସଲମାନ ହେବାର ପରିପ୍ରକାଶ କରିପାରୁନାହୁଁ । ତେଣୁ ଯେ ପର୍ଯ୍ୟନ୍ତ ଏ କାନୁନ ରହିଛି ସେ ପର୍ଯ୍ୟନ୍ତ କୌଣସି ପ୍ରକାରର ସୁଧାର ହେବାର କୌଣସି ଆଶା ନାହିଁ ଓ ବର୍ତମାନ କୌଣସି ରାଜନେତା ପାର୍ଟି ବା ସରକାର ମଧ୍ୟରେ ଏତେ ସାହାସ ନାହିଁ ଯେ, ସେ ଏହି କାନୁନକୁ ଶେଷ କରିଦେବେ ।

ଏହାପରେ ରିଜିଓନାଲ୍ ଅନ୍‌ଲାଇନ ଖବର କାଗଜ Zwolle Nieuws ର ପତ୍ରକାର Mr. Rein Tuininga ଜାଣିବାକୁ ଚାହିଁଲେ ଯେ, ଏଠାରେ ହଲାଣ୍ଡରେ ଅହେମଦୀ ମୁସଲମାନମାନଙ୍କ ସମ୍ବନ୍ଧରେ ଆପଣଙ୍କର ମତ କଣ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଠାରେ ହଲାଣ୍ଡରେ ବସବାସ କରୁଥିବା ଅହେମଦୀ ମୁସଲମାନମାନଙ୍କର ଅଧିକାଂଶ ସଂଖ୍ୟା ହେଉଛି ଏଠାରେ ଶରଣ ନେଇଥିବା ଅହେମଦୀମାନଙ୍କ ସଂଖ୍ୟା ଯେଉଁମାନେ ପାକିସ୍ତାନରୁ ହିଜ୍‌ରତ୍ କରି ଏଠାକୁ ଆସି ପହଂଚିଛନ୍ତି । ଏତଦ୍‌ବ୍ୟତିତ କିଛି ଅହେମଦୀ ସରିନାମ୍‌ର ମଧ୍ୟ ଏଠାରେ ଅଛନ୍ତି ଯେଉଁମାନେ ଅତିତରେ ଡ଼ଚ୍ କଲୋନୀ ଥିବା ଯୋଗୁଁ ଏଠାରେ ଆସି ବସବାସ କରୁଥିଲେ । କିନ୍ତୁ ଅହେମଦୀମାନଙ୍କର ଅଧିକାଂଶ ଲୋକଙ୍କ ସମ୍ବନ୍ଧ ହେଉଛି ପାକିସ୍ତାନ ସହିତ ଯେଉଁମାନେ ରାଜନୈତିକ ଶରଣାର୍ଥୀ ଭାବରେ ଏଠାରେ ଅଛନ୍ତି । ଅତଏବ ଆମେ ସେଥିପାଇଁ ଏଠାରେ ଅଛୁ ଯେ, ଏଠିକାର ସରକାର ଆମକୁ ନିଜର ଆସ୍ଥା ଓ ବିଶ୍ୱାସକୁ ପରିପ୍ରକାଶ କରିବାପାଇଁ ଓ ଆମ ବିଶ୍ୱାସ ଉପରେ ଆମକୁ ପରିଚାଳିତ ହେବାପାଇଁ ଓ ଆମ ସମ୍ପ୍ରଦାୟର ବାର୍ତାକୁ ପ୍ରଚାର ପ୍ରସାର କରିବାକୁ ଅନୁମତି ଦେଇଛି । ଯେଉଁଠି ଭବିଷ୍ୟତର କଥା ଉଠୁଛି ଏଠାରେ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ଏଥିପାଇଁ ଆବିର୍ଭାବ ହୋଇଥିଲେ ଯେ, ତାଙ୍କର ଏ ଉଦ୍ଦେଶ୍ୟ ଥିଲା କି ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଲୋକମାନଙ୍କ ନିକଟରେ ପହଂଚାଇବା ଏବଂ ସେହି ବାସ୍ତବିକ ଶିକ୍ଷା ହେଉଛି ପ୍ରେମ, ଶାନ୍ତି ଏବଂ ଭାଇଚାରା ଏହିସବୁ ଜିନିଷର ଆମେ ତବ୍‌ଲିଗ୍ କରୁଅଛୁ ତେଣୁ ଏଥିପାଇଁ ବେଳେବେଳେ ଡ଼ଚ୍ ଲୋକମାନେ ମଧ୍ୟ ଆମ ଯମାତ୍‌ରେ ସାମିଲ ହେଉଛନ୍ତି । ବରଂ ବର୍ତମାନ ହଲାଣ୍ଡ ଯମାତ୍‌ର ବର୍ତମାନ ଯେଉଁ ମୁଖିଆ ଅଛନ୍ତି ସେ ହେଉଛନ୍ତି ଜଣେ ଡ଼ଚ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ତେଣୁ ପବିତ୍ର କୁର୍‌ଆନ୍ ଏ ଶିକ୍ଷା ଦେଇଛି ଯେ, ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧକତା ନାହିଁ ଓ ଅନ୍ୟପଟେ ଏକଥା ମଧ୍ୟ ଉପଦେଶ ଦେଇଛି ଯେ, ଲୋକମାନଙ୍କୁ ଏକଥା ବୁଝାଇ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

> ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ବିବାହ ସମୟରେ ଧର୍ମକୁ ଅଗ୍ରାଧିକାର ଦେବାପାଇଁ ଶିକ୍ଷା ଦିଆଯାଇଅଛି ।

"ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଛନ୍ତି । ଗୋଟିଏ ମହିଳାଙ୍କୁ ବିବାହ କରିବା ପାଇଁ ଚାରିଗୋଟି ଆଧାର ହୋଇପାରେ । ତାହାଙ୍କ ଧନ ଯୋଗୁଁ, ତାହାଙ୍କ ବଂଶ ଯୋଗୁଁ, ତାହାଙ୍କ ସୌନ୍ଦର୍ଯ୍ୟ ଯୋଗୁଁ ତଥା ତାହାଙ୍କ ଧର୍ମପରାୟଣତା ଯୋଗୁଁ । କିନ୍ତୁ ତୁମେ ଧର୍ମ ପରାୟଣତାକୁ ଅଗ୍ରାଧିକାର ଦିଅ ଏଥିରେ ଈଶ୍ୱର ତୁମର ମଙ୍ଗଳ କରିବେ ।

***(ବୁଖାରୀ, କିତାବୁଲ୍ ନିକାହ୍)***

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଛନ୍ତି: "ବାହାଘର ସମୟରେ ଯେଉଁ ପ୍ରଥା ରହିଛି, ତାହା ମଧ୍ୟ ଧର୍ମ ଅଟେ । ସେଥିଯୋଗୁଁ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ, ଯେବେ ତୁମେ ବିବାହ କରିବାପାଇଁ ଚିନ୍ତା କରିବ, ସେତେବେଳେ ସବୁ ଜିନିଷ ଉପରେ ସେହି ଝିଅକୁ ଅଗ୍ରାଧିକାର ଦିଅ, ସେହି ବନ୍ଧୁଙ୍କୁ ଦିଅ, ଯାହାଙ୍କ ନିକଟରେ ଅଧିକା ଧର୍ମ ରହିଛି । ତେଣୁ ଏକଥା କହିବା ଠିକ୍ ନୁହେଁ ଯେ ବିଭାଘର କେବଳ ଏକ ହସଖୁସିର ପରିପ୍ରକାଶ ଓ ଆମ ନିଜସ୍ୱ କର୍ମ । ବରଂ ଏହା ଭୁଲ୍ ଧାରଣା ।

ଇସ୍‌ଲାମ୍ ଏକଥା କହିନାହିଁ ଯେ ସଂସାରକୁ ପରିତ୍ୟାଗ କରିଦିଅ ଓ ସମ୍ପୁର୍ଣ୍ଣରୂପେ ଅଲଗା ହୋଇଯାଅ ବୋଲି । କିନ୍ତୁ ଇସ୍‌ଲାମ୍ ଏକଥା ମଧ୍ୟ କହିନାହିଁ ଯେ ସଂସାରରେ ଏତେମାତ୍ରାରେ ମାତିଯାଅ ଯେ ଧର୍ମର ଜ୍ଞାନ ମଧ୍ୟ ନ ରହୁ । ଯଦି ବିଭାଘର କେବଳ କୋଳାହଳ, ଶୋଭାବର୍ଦ୍ଧନ ଏବଂ ଗାଇବା ବଜାଇବା ହୋଇଥାନ୍ତା, ତେବେ ଆଁ ହଜ୍‌ରତ୍ ସ:ଆ:ସ ନିକାହ୍ ଖୁତ୍‌ବାଃରେ ଅଲ୍ଲାଃଙ୍କ ସ୍ତୁତିଗାନରୁ ଆରମ୍ଭ କରିନଥାନ୍ତେ ଏବଂ ପୁଣି ତକ୍‌ଓ୍ୱା (ଧର୍ମପରାୟଣତା) ଗ୍ରହଣ କରିବା ପ୍ରତି ଏତେମାତ୍ରାରେ ଯେଉଁ ଜୋର୍ ଦେଇଛନ୍ତି, ସେଥିପ୍ରତି ଧ୍ୟାନ ଦେଇନଥାନ୍ତେ ବରଂ ବିଭାଘରର ପ୍ରତ୍ୟେକ ଉପଦେଶ ଓ ପ୍ରତ୍ୟେକ ନିର୍ଦ୍ଦେଶର ମୂଳାଧାର ହିଁ ତକ୍‌ଓ୍ୱା ଉପରେ ରଖାଯାଇଅଛି ।"

***(ଖୁତ୍‌ବା ଜୁମା ପ୍ରଦତ ୨୫ ନଭେମ୍ବର ୨୦୦୫)***

**(ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)**

## ସଦର ଅଞ୍ଜୁମନ ଅହ୍‌ମଦିୟା ତଜିଇନ୍ (ସୌନ୍ଦର୍ଯ୍ୟକରଣ) ବିଭାଗରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତି ଧ୍ୟାନ ଦିଅନ୍ତୁ ।

ତଜିଇନ୍ ବିଭାଗ କାଦିଆନ୍‌ରେ ମଞ୍ଜୁର ହୋଇଥିବା ନୁଆ ଆମେରିକାନ୍ ବେସ୍‌ଡ଼ ଗ୍ରାସ କଟର୍ ମେଶିନ୍ ନିମନ୍ତେ ଡ୍ରାଇଭର ପଦବି ପୂରଣ ହେବାର ଅଛି । ଯେଉଁ ବ୍ୟକ୍ତି ଡ୍ରାଇଭର ଭାବେ ଏହି ସେବାକାର୍ଯ୍ୟ କରିବାକୁ ଇଚ୍ଛା ରଖିଛନ୍ତି ସେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହ୍‌ମଦିୟା ନିକଟକୁ ପଠାଇପାରିବେ ।

**ସର୍ତାବଳୀ:**

(୧) ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଂ ଲାଇସେନ୍ସ ଏବଂ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ (୨) ପ୍ରାର୍ଥୀ ଅଳ୍ପବହୁତ ଟେକ୍‌ନିକାଲ୍ କାମ ମଧ୍ୟ ଜାଣିଥିବେ । ଯଦ୍ୱାରା ଆବଶ୍ୟକସ୍ଥଳେ ଏହି କଟର୍ ମେଶିନ୍‌ର ମରାମତି ମଧ୍ୟ କରିପାରିବେ । (୩) ପ୍ରାର୍ଥୀ ଟ୍ରାକ୍ଟର ଟ୍ରଲି ଚଳାଇବା ଜାଣିଥିବେ (୪) ପ୍ରାର୍ଥୀ ଆଜ୍ଞାକାରୀ ହୋଇଥିବେ ଓ ଆବଶ୍ୟକ ପଡ଼ିଲେ ଅଧିକା କାମ କରିବାକୁ ପ୍ରସ୍ତୁତ ଥିବେ (୫) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ ନାହିଁ (୬) ପ୍ରାର୍ଥୀଙ୍କୁ ଜନ୍ମ ପ୍ରମାଣପତ୍ର ଦେବା ଅନିବାର୍ଯ୍ୟ (୭) ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ ପ୍ରାର୍ଥୀ ଚୟନ ବୋର୍ଡ଼ର ଇଂଟରଭ୍ୟୁରେ ଉତୀର୍ଣ୍ଣ ହେବେ (୮) ଏବଂ ଯିଏ ନୂର ହସ୍ପିଟାଲ୍ କାଦିଆନ୍ ଦ୍ୱାରା ପ୍ରଦତ ମେଡ଼ିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ବିବେଚିତ ହେବେ (୯) ଏହି ଡ୍ରାଇଭର ପଦବୀ ପାଇଁ ପ୍ରାର୍ଥୀଙ୍କୁ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ସମ ଆଲାଉନ୍ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ (୧୦) କାଦିଆନ୍ ଯାତାୟାତର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ (୧୧) ଯଦି ପ୍ରାର୍ଥୀଙ୍କର ଚୟନ ହୁଏ ତେବେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ପ୍ରାର୍ଥୀ ନିଜେ କରିବେ ।

***Note-*** ଏଥିପାଇଁ ଦରଖାସ୍ତ ଫର୍ମ ନଜାରତ୍ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହମଦିୟା କାଦିଆନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସଠିକ୍ ଭାବେ ପୂରଣ ହୋଇ ହସ୍ତଗତ ହେଲେ ତା ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।

*(ନାଜିର୍ ଦିଓ୍ୱାନ୍ କାଦିଆନ୍)*

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ**

**(Ph) 01872-501130 (Mob) 9877138347, 9646351280**

**email: diwan@qadian.in**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 01 Oct 2020 Issue No. 40

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

## ୩୦ ସେପ୍ଟେମ୍ବର ୨୦୧୯ (ସୋମବାର)ବଳକାଅଂଶ

## ନ୍ୟାସନାଲ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟା ହଲାଣ୍ଡର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହୋଇଥିବା ମିଟିଙ୍ଗର ବଳକାଅଂଶ

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏପରି କେତେ ଲୋକ ଅଛନ୍ତି ଯେଉଁମାନେ ଖରାପ ସୋସାଇଟିକୁ ଯାଉଛନ୍ତି ? ଏହିଭଳି ପରିବେଶରେ ବଢୁଥିବା ପିଲାମାନଙ୍କ ମଧ୍ୟରୁ କିଛି ଭଲ ମଧ୍ୟ ହୋଇଥାନ୍ତି ଓ କିଛି ଖରାପ ମଧ୍ୟ ହୋଇଥାନ୍ତି । ଯେଉଁମାନେ ୟୁରୋପରେ ଏହିଭଳି ପରିବେଶରେ ରହୁଛନ୍ତି ସେମାନଙ୍କ ମଧ୍ୟରୁ କଣ ଶହେ ପ୍ରତିଶତ ପିଲା ଭଲ କାମ କରୁଛନ୍ତି ଯେବେକି ଏଠାରେ ସବୁପ୍ରକାରର ସୁବିଧା ସୁଯୋଗ ସେମାନଙ୍କ ପାଇଁ ରହିଛି, ଅନାଥ ଆଶ୍ରମ ରହିଛି । ଯଦି ପୂଣ୍ୟର ସ୍ତର ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ମୁତାବକ କର୍ମର ଆଧାରରେ ଦେଖାଦିଏ ତେବେ କେଉଁଠି ଏକଥା ଲେଖା ହୋଇଛି ଯେ, ସମସ୍ତେ ପୂଣ୍ୟବାନ ହୋଇଯିବେ ? କେବଳ ଅର୍ଥ ଓ ଟଙ୍କା ପଇସା ହେବା ତ ପୂଣ୍ୟ ନୁହେଁ ଦୁଇବେଳା ରୋଟି ମିଳିଯିବା ତ ପୂଣ୍ୟ ନୁହେଁ । ବାକି ଯେଉଁଠି ପୁରସ୍କାର ବା ଦଣ୍ଡ ଦେବାର କଥା ଉଠୁଛି ତାହା ହେଉଛି ଈଶ୍ୱରଙ୍କର କାମ ସେ ସମ୍ବନ୍ଧରେ ନା ଆମେ ଜାଣିଛୁ ନା କୌଣସି ନିଷ୍ପତି କରିପାରିବୁ । ଯଦି କାହାର ଦୋଷ ନାହିଁ ଓ ପରିବେଶ ତାକୁ ଖରାପ କରିଦେଇଛି ତେବେ ଅଲ୍ଲାଃ ତାଲା ତ ହେଉଛନ୍ତି କରୁଣାମୟ ତେଣୁ ଅଲ୍ଲାଃ ତାଲା ତାକୁ କ୍ଷମା ଦେବାର ବ୍ୟବସ୍ଥା ପରକାଳରେ ହିଁ କରିପାରିବେ । ଏହା ସେ କିପରି କରିବ ତାହା ଅଲ୍ଲାଃ ତାଲାଙ୍କୁ ହିଁ ଭଲଭାବେ ଜଣାଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆପଣ ଏଠାରେ ୟୁରୋପର ଯେଉଁ ଉଦାହରଣ ଦେଇଛନ୍ତି ଯେ ଏଠାରେ ଅନାଥ ଆଶ୍ରମ ଇତ୍ୟାଦି ନିର୍ମାଣ କରାଯାଇଛି । ତେବେ ଏଥିରେ କଣ ଗ୍ୟାରେଂଟି ଅଛି ଯେ, ଏଠାରେ ରହୁଥିବା ସମସ୍ତେ ଭଲ ଲୋକ ହୋଇଥିବେ ? ଏମାନଙ୍କ ମଧ୍ୟରେ ତ' ଚୋର, ଡାକୁ ଓ ବଦମାସ ସୃଷ୍ଟି ହେଉଛନ୍ତି । ଯଦି ଏଠାରେ ଏହିଭଳି ଲୋକେ ସୃଷ୍ଟି ହେଉନାହାନ୍ତି ତେବେ ସେମାନେ ଏପରି କାନୁନ କାହିଁକି ବନାଇଛନ୍ତି ? ଏହି କାନୁନ ବନାଇବାର ଉଦ୍ଦେଶ୍ୟ ହେଉଛି ଏହା କି ଏଠାରେ ଖରାପ ଓ ମନ୍ଦକାର୍ଯ୍ୟ ମହଜୁଦ୍ ଅଛି । ଦ୍ୱିତୀୟ କଥା ହେଉଛି ଏହା କି, ସେମାନଙ୍କ ଦୃଷ୍ଟିକୋଣରୁ ମନ୍ଦକାର୍ଯ୍ୟର ଯେଉଁ ସ୍ତର ରହିଛି ଓ ଅଲ୍ଲାଃ ତାଲାଙ୍କ ଦୃଷ୍ଟିକୋଣରେ ଖରାପ କର୍ମର ଯେଉଁ ସ୍ତର ରହିଛି ତାହା ହେଉଛି ଭିନ୍ନ । ହଁ ଅଲ୍ଲାଃ ତାଲା ଏ ନିର୍ଦ୍ଦେଶ ନିଶ୍ଚିତରୂପେ ଦେଇଛନ୍ତି ଯେ, ତୁମେମାନେ ଅନାଥମାନଙ୍କର ଧ୍ୟାନ ରଖ, ସେମାନଙ୍କର ଲାଳନପାଳନ କର । ଯୁଦ୍ଧଗୁଡ଼ିକ ଯୋଗୁଁ ବା ଅନ୍ୟାନ୍ୟ ଲଢ଼େଇ ଯୋଗୁଁ ଯେଉଁମାନେ ମରିଯାଉଛନ୍ତି ସେମାନଙ୍କର ପିଲାମାନେ ଅନାଥ ହେଉଛନ୍ତି । ସେ ସମୟରେ ମଧ ଯୁଦ୍ଧ ହେଉଥିଲା ତେଣୁ ସେତେବେଳେ ଇସ୍‌ଲାମ୍‌ରେ ଅଧିକ ବିବାହ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଯଦ୍ୱାରା ଅନାଥ ପିଲାମାନଙ୍କର ଲାଳନପାଳନ କରାଯାଇପାରିବ । ବିଭାଘରର ଉଦ୍ଦେଶ୍ୟମାନଙ୍କ ମଧ୍ୟରୁ ଗୋଟିଏ ଉଦ୍ଦେଶ୍ୟ ଏହା ଥିଲା ଯେ, ଅନାଥ ପିଲାମାନଙ୍କ ପାଳନ କରାଯିବ । ଏହା ନଥିଲା ଯେ, ପୁରୁଷମାନେ କେବଳ ନିଜର ଭୋଗବିଳାଶ ପାଇଁ ବିବାହ କରିବେ ଏ ଉଦ୍ଦେଶ୍ୟରେ ବିବାହ କରିବାପାଇଁ ଇସ୍‌ଲାମ୍‌ରେ କେଉଁଠି ମଧ୍ୟ ନିର୍ଦ୍ଦେଶ ନାହିଁ ଅର୍ଥାତ ଭୋଗବିଳାଷ ପାଇଁ ବିବାହ କରିବା । ଇସ୍‌ଲାମ୍ ଏଥିପାଇଁ କିଛି କାନୁନ ତିଆରି କରିଛି, କିଛି ସର୍ତାବଳୀ ରଖିଛି ଏହି ସର୍ତ ଭିତରେ ରହି ବିବାହ କରିବାର ଅନୁମତି ଦିଆଯାଇଛି । ପ୍ରତ୍ୟେକ ଲୋକକୁ ଚାରି ଚାରିଟା ବିବାହ କରିବା ଅନୁମତି ନାହିଁ । ଆପଣ ଏଠାରେ ଛିଡ଼ା ହୋଇ ଏକଥା ଯଦି କହିବେ କି ମୁଁ ହେଉଛି ମୁସଲମାନ ତେଣୁ ଚାରୋଟି ବିବାହ କରିବି । କିନ୍ତୁ ଏ ଦେଶର କାନୁନ ମତେ ଚାରୋଟି ବିବାହ କରିବାପାଇଁ ଅନୁମତି ଦେଉନାହିଁ ତେଣୁ ଏ ଦେଶର କାନୁନ ବହୁତ ଖରାପ । ଏହିଭଳି ଚିନ୍ତାଧାରା ଠିକ୍ ନୁହେଁ, କାରଣ ଆପଣଙ୍କର ଚାରୋଟି ବିବାହ କରିବାର କୌଣସି ଉଦ୍ଦେଶ୍ୟ ମଧ୍ୟ ରହିବା ଉଚିତ ସେଥିପାଇଁ କିଛି କାରଣ ଥିବା ଦରକାର ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ପବିତ୍ର କୋରାନ୍‌ରେ ଅଲ୍ଲାଃ ତାଲା ବାରମ୍ବାର ଏହି ଉପଦେଶ ମଧ୍ୟ ଦେଇଛନ୍ତି ଯେ, ଯେଉଁ ଲୋକମାନେ ଅନାଥମାନଙ୍କର ଲାଳନପାଳନ କରୁନାହାନ୍ତି ଓ ସେମାନଙ୍କର ଧ୍ୟାନ ରଖୁନାହାନ୍ତି, ସେମାନଙ୍କୁ ମୁଁ ନର୍କରେ ପକାଇବି । ଅନାଥମାନେ ଯଦି ଖରାପ ହୋଇଯାଉଛନ୍ତି, ସେମାନଙ୍କୁ ଖରାପ କରୁଥିବା ଲୋକମାନେ ହିଁ ନର୍କରେ ପଡ଼ିବେ । ଅଲ୍ଲାଃ ତାଲାଙ୍କର କରୁଣା ମଧ୍ୟ ବହୁତ ବ୍ୟାପକ । ଯେଉଁ ବ୍ୟକ୍ତି ଭିଷଣ ଶିର୍କ କରିଥାଏ ଅଲ୍ଲାଃ ତାଲା କହୁଛନ୍ତି ଯେ, ମୁଁ ତାକୁ କ୍ଷମା ଦେବିନାହିଁ ଅନ୍ୟପଟେ ଆଉ ଗୋଟିଏ ସ୍ଥାନରେ ଅଲ୍ଲାଃ ତାଲା କହୁଛନ୍ତି ଯେ, ଏମିତି ଗୋଟିଏ ସମୟ ଆସିବ ଯେତେବେଳେ ନର୍କକୁ ସମ୍ପୁର୍ଣ୍ଣରୂପେ ଖାଲି କରିଦିଆଯିବ । ଫଳତଃ ବୈକୁଣ୍ଠର ମଜା ସମସ୍ତେ ପାଇବେ କିନ୍ତୁ ଅଳ୍ପ ବହୁତ ଦଣ୍ଡ ମଣିଷ ତା' କର୍ମ ଅନୁସାରେ ପାଇଥାଏ । ବାକି ସରକାରଙ୍କ କାର୍ଯ୍ୟ, ଏହି ପରିବେଶର କାର୍ଯ୍ୟ ଏବଂ ଲୋକମାନଙ୍କର କାର୍ଯ୍ୟ ଯେ ସେମାନେ ସେହି ଅନାଥମାନଙ୍କର ଧ୍ୟାନ ରଖନ୍ତୁ । ଯଦି ସେମାନେ ତାକୁ ସମ୍ଭାଳିବେ ନାହିଁ ତେବେ ଅନାଥମାନଙ୍କ ନିକଟରେ ତ ଏ ବାହାନା ଅଛି ଯେ ସେମାନେ ଏହା କହିଦେବେ କି, ଆମକୁ ସମ୍ଭାଳିବାବାଲା କେହିନଥିଲେ ଏତଦ୍‌ଦ୍ୱାରା ଅଲ୍ଲାଃ ତାଲା କାଳେ ସେମାନଙ୍କର ବାହାନାକୁ ମାନିନେବେ । କିନ୍ତୁ ଯେଉଁମାନେ ଅନାଥମାନଙ୍କର ଧ୍ୟାନ ରଖିନାହାନ୍ତି ସେମାନଙ୍କର ତ କୌଣସି ଆଳ ଗ୍ରହଣ କରାଯିବ ନାହିଁ ସେମାନେ ନିଶ୍ଚିତରୂପେ ସେମାନଙ୍କ କର୍ମର ଦଣ୍ଡ ଭୋଗିବେ । ପ୍ରକାଶ୍ୟରେ ଅଲ୍ଲାଃ ତାଲାଙ୍କର କଥାଗୁଡ଼ିକୁ ଏହା ତ ସ୍ୱଷ୍ଟ ହେଉଅଛି ବାକି ଆମେ ତାହା ସମ୍ବନ୍ଧରେ କିଛି କହିପାରିବା ନାହିଁ । ତେଣୁ ପବିତ୍ର କୋରାନ୍‌କୁ ବାରମ୍ବାର ପାଠ କର ବା ପଢ଼ । ପବିତ୍ର କୋରାନ୍‌ରେ ଅନାଥମାନଙ୍କର ଲାଳନପାଳନ କରିବା ସମ୍ବନ୍ଧରେ ବହୁତ ଉପଦେଶ ଦିଆଯାଇଅଛି ।

ଆଉ ଜଣେ ଖାଦିମ ପଚାରିଲେ ଯେ, ଆମ ଯମାତ୍ ଜଳବାୟୁ ସମ୍ବନ୍ଧରେ କଣ ଭୁମିକା ନିର୍ବାହ କରିପାରିବ ? ଏହି ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଖୁଦାମୁଲ୍ ଅହେମଦୀୟାର ସଦସ୍ୟମାନେ ଗୋଟିଏ ଚାରା ରୋପଣ କରି ଭାବୁଛନ୍ତି ଯେ, ଆମେମାନେ ଏ ପରିବେଶକୁ ପରିବର୍ତନ କରିଦେଇଛୁ ବା ଲଜ୍‌ନାମାନେ ଚାରୋଟି ଗଛ ଲଗାଇଦେଲେ ବା ଅନ୍‌ସାରୁଲ୍ଲାଃ ଲଗାଇଛି ପ୍ରଶ୍ନ ହେଉଛି ଏହା କି, ଏବେ ଯେଉଁଭଳି ଲୋକସଂଖ୍ୟା ବଢ଼ିଚାଲିଛି ସେମାନଙ୍କ ପାଇଁ ଜମି ଦରକାର । ଯେତେବେଳେ ଜମିର ଆବଶ୍ୟକତା ପଡ଼ିବ ସେତେବେଳେ ଜଙ୍ଗଲ ଓ ବୃକ୍ଷଲତାର ସଂଖ୍ୟା କମ୍ ହୋଇଯିବ । ତେଣୁ ବୃକ୍ଷରୋପଣ କରିବା ଉଚିତ ତେଣୁ ଏହି ଦେଶଗୁଡ଼ିକରେ ଏକଥା କୁହାଯାଉଛି ଯେ, ଏଠାରେ ତିରିଶି ବା ଚାଳିଶି ପ୍ରତିଶତ ଜଙ୍ଗଲ ରହିବା ଉଚିତ । କିନ୍ତୁ ପାକିସ୍ତାନ ଭଳି ଦେଶରେ ଯେଉଁଠି କେବଳ ଚୋରମାନେ ଏକାଠି ହୋଇଛନ୍ତି ଓ ଜଙ୍ଗଲକୁ କାଟି କାଟି ବିକ୍ରି କରିସାରିଛନ୍ତି ଏବଂ ଆହୁରି ଆଗକୁ ଗଛ ଲଗାଉନାହାନ୍ତି, ସେଠାରେ କୁପ୍ରଭାବ ସୃଷ୍ଟି ହେବ ତେଣୁ ଆମର ଯେତିକି ସାଧନ ଅଛି ତାହା ଜରିଆରେ ଅଧିକରୁ ଅଧିକ ଲୋକମାନଙ୍କ ନିକଟରେ ଆଓ୍ୱାରନେସ୍ କରିବାର ଚେଷ୍ଟା କରନ୍ତୁ ବୃକ୍ଷରୋପଣ ଅଧିକରୁ ଅଧିକ କରନ୍ତୁ ସବୁଜିମା ଅଧିକ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ବାକି କଥା ହେଉଛି ଏହା କି ଏ ଦୁନିଆଁ ଯେଉଁଭଳି ଉନ୍ନତି କରିଚାଲିଛି, ଯଦି ଏଠାକୁ ଆସିବାକୁ ହୁଏ ତେବେ କାର୍‌ରେ ବସି ଆସିଯାଉଛନ୍ତି । ତେଣୁ କାର୍ବନ Emissionକୁ କମ୍ କରନ୍ତୁ । ଡ଼ଚ୍ ଲୋକମାନେ ସାଇକେଲ ଚଳାନ୍ତି ତେଣୁ ଆପଣମାନେ ମଧ୍ୟ ଅଧିକରୁ ଅଧିକ ସାଇକଲେ ଚଳାନ୍ତୁ । ଆପଣମାନେ ତ ଟିକିଏ କିଛି କାମ ପଡ଼ିଲେ କାର୍ ନେଇ ଚାଲି ଯାଉଛନ୍ତି । ପାକିସ୍ତାନରୁ ଆସିଥିବା ଆମର ଅଧିକାଂଶ ଲୋକମାନଙ୍କର ଏହି ଅଭ୍ୟାସ ରହିଛି ।

ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ: ତେଣୁ ଆପଣମାନେ ଅଧିକରୁ ଅଧିକରୁ Plantation କରନ୍ତୁ । ବାକି ଦୁନିଆରେ ଯେଉଁ ଉନ୍ନତି ହୋଇଚାଲିଛି, ସେମାନଙ୍କ ମୁକାବିଲାରେ ଆମ ନିକଟରେ କୌଣସି ଇଣ୍ଡଷ୍ଟି ତ' ନାହିଁ । ତେଣୁ ଆମର ଏଥିରେ କଣ ଭୁମିକା ହୋଇପାରେ । ଆମ ନିକଟରେ ଯଦି କୌଣସି କାରଖାନା ଥାଆନ୍ତା ଓ ସେଥିରେ ଧୁଆଁ ନିର୍ଗତ ହେଉଥାନ୍ତା ତେବେ ଆମେ କିଛି କରିପାରନ୍ତୁ । ଏବେ ଯମାତ୍ ନିକଟରେ ଏମିତି କିଛି କଳକାରଖାନା ନାହିଁ । ବାକି ଆମେ ଯଥା ସମ୍ଭବ ଏହି ପ୍ରଦୁଷଣକୁ ରୋକିବା ପାଇଁ ଯେତିକି ପାରୁଛୁ କରୁଛୁ ।

ଜଣେ ଖାଦିମ ପ୍ରଶ୍ନ କଲେ ଯେ, ''ଅସଫଳତା''ର ସଂଜ୍ଞା (Defination) କଣ ? ବା ଏମିତି କେଉଁ ବ୍ୟକ୍ତି ଅଛି ଯିଏ ଏ ଦୁନିଆରେ ''ଅସଫଳ'' ବୋଲାଇବ ? ବା ଯିଏ ନିଜକୁ ଅସଫଳ ବୋଲି ବିବେଚନା କରୁଥିବ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିମ୍ନ ପଦଟିକୁ ପାଠ କଲେ:

**ମାୟୁସ୍ ଓ୍ୱ ଗମ୍‌ଜଦାଃ କୋଇ ଇସ୍‌କେ ସିଓ୍ୱା ନେହିଁ**
**କବ୍‌ଜା ମେଁ ଜିସ୍‌କେ କବ୍‌ଜାଏ ସୈଫେ ଖୁଦା ନେହିଁ**

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅଲ୍ଲାଃଙ୍କ ନିକଟରେ ଦୁଆ (ପ୍ରାର୍ଥନା)କର । ଅସଫଳ କଣ ? ନିରାଶା ହିଁ ଅସଫଳତା ଅଟେ । ତେଣୁ ମଣିଷ ନିଜର ସମ୍ପୁର୍ଣ୍ଣ ପ୍ରଚେଷ୍ଟା କରୁ, ତା'ପରେ ଏଥିସକାଶେ ଯେତେ ସମ୍ଭବ ସେତେ ଦୁଆ କରୁ । ତା'ପରେ ଏହାର ଫଳ ଈଶ୍ୱରଙ୍କ ଉପରେ ଛାଡ଼ିଦେଉ । ପୁଣି ଅଲ୍ଲାଃଙ୍କର ଇଚ୍ଛା । ଏମିତି କଲେ ନିରାଶ ହୁଏନାହିଁ । ନିରାଶ ଦ୍ୱାରା ଅସଫଳତା ମିଳିଥାଏ । ବାକି ଈଶ୍ୱର ଜାଣିଛନ୍ତି ଯେ ଆମପାଇଁ କଣ ଭଲ । ଅସଫଳତାର Defination କଣ ? ଯେତେବେଳେ ଆପଣ ଏକଥା ଭାବୁଛନ୍ତି ଯେ ଗୋଟିଏ ଜିନିଷ ଆପଣଙ୍କୁ ନିଶ୍ଚିତରୂପେ ମିଳିବ । ଆପଣ ସେଥିଯୋଗୁଁ ପୂର୍ଣ୍ଣ ଚେଷ୍ଟା ମଧ୍ୟ କରୁଛନ୍ତି, ଏହି

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan